# ଜନ୍ମମାଟିରେ ରାଷ୍ଟ୍ରପତି
# ମା'ର ପାଦ ସ୍ପର୍ଶକରି ମୁଁ ଅତି ଆନନ୍ଦିତ








**ରାଇରଙ୍ଗପୁର, ୬ ।୧୨(ସମିସ)**

ଦୀର୍ଘ ୬୦ ବର୍ଷ ପରେ ଯେଉଁ ଗାଁ ବିଦ୍ୟାଳୟରେ ମୁଁ ଅ ଆ ଠାରୁ ପାଠପଢ଼ା ଆରମ୍ଭ କରିଥିଲି, ସେହି ଗାଁ ମାଟିର ସ୍ପର୍ଶରେ ମୁଁ ଅତି ଆନନ୍ଦିତ ଅନୁଭବ କରୁଛି । ଉପରବେଡା ପରି ଉପାନ୍ତ ଅଞ୍ଚଳରେ ଚାଳ ଖପର ଘରେ ଥିବା ବିଦ୍ୟାଳୟରୁ ପାଠପଢ଼ି କେହି ବି ରାଷ୍ଟ୍ରପତି ହୋଇନାହାନ୍ତି; କିନ୍ତୁ ମୁଁ ସେହି ଚାଳ ଖପର ଥିବା ମାଟି ସ୍କୁଲ ଘରେ ପଢ଼ି ଆଜି ରାଷ୍ଟ୍ରପତି ପଦରେ ପହଞ୍ଚି ପାରିଛି । ଏହା କେବଳ ଆଦିବାସୀଙ୍କ ଠାକୁର ମାରାଙ୍ଗ୍ ବୁରୁ ଓ ଜାହେର୍ ଆୟୋଙ୍କ ଆଶୀର୍ବାଦରୁ ସମ୍ଭବପର ହୋଇପାରିଛି । ଗ୍ରାମବାସୀଙ୍କ ମଧ୍ୟ ଶୁଭ କାମନା ସହିତ ମୋ ପ୍ରତି ଆଶୀର୍ବାଦ ରହିଛି । ତେଣୁ ବିଗତ କିଛି ମାସ ପୂର୍ବରୁ ନିଜ ଜନ୍ମଭୂମିର ପବିତ୍ରତାକୁ ସ୍ପର୍ଶ କରିବା ପାଇଁ ନିଷ୍ପତ୍ତି ନେଇଥିଲି ଏବଂ ଆଜି ମୁଁ ନିଜର ଗାଁ ଉପରବେଡାକୁ ଆସି ବହୁତ ଖୁସି ଅନୁଭବ କରୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନ୍ମ ଗାଁକୁ ପ୍ରଥମ ଗସ୍ତରେ ଆସି ଉପରବେଡା ଉପ୍ରା ବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି । ଶୁକ୍ରବାର ରାଷ୍ଟ୍ରପତି ରଙ୍ଗାମାଟିଆ ହେଲିପ୍ୟାଡରେ ପୂର୍ବାହ୍ନ ୧୧.୦୫ ସମୟ ଅବତରଣ କରିଥିଲେ । ସେଠାରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିବାଦନ ଜଣାଇଥିଲେ । ରାଷ୍ଟ୍ରପତିଙ୍କ ସହିତ ତାଙ୍କ ଝିଅ ଇତିଶ୍ରୀ ଓ ଜ୍ୱାଇଁ ଲକ୍ଷ୍ମଣ ଏବଂ ତାଙ୍କ ଦୁଇ ନାତୁଣୀ ମଧ୍ୟ ଥିଲେ । ସେଠାରୁ ସଡ଼କ ପଥରେ ସେ ନିଜ ଜନ୍ମଭୂମି ଉପରବେଡାରେ ପହଞ୍ଚିଥିଲେ । ସେଠାରେ ଗ୍ରାମବାସୀ ଆଦିବାସୀ ପରମ୍ପରା ଅନୁସାରେ ନୃତ୍ୟକରି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ଆଦିବାସୀ ନୃତ୍ୟ ଓ ମାଦଳ ଧାମସା ତାଳରେ ଗାଁ ଉତ୍ସବମୁଖର ହୋଇଯାଇଥିଲା । ଉପରବେଡା ଗାଁର ପ୍ରତ୍ୟେକ ଘର ଦାଣ୍ଡରେ ଝୋଟି ସହିତ ପୁଷ୍ପ ଦେଇ ସ୍ୱାଗତ ତାଙ୍କୁ ଲୋକେ କରିଥିଲେ । ଏହା ପରେ ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପହଞ୍ଚି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବାଲ୍ୟକାଳର ସାଙ୍ଗମାନଙ୍କ ସହିତ ଭାବ ବିନିମୟ କରିଥିଲେ । ସ୍କୁଲରେ ପାଠ ପଢ଼ାଇଥିବା ଶିକ୍ଷକମାନଙ୍କ ମଧ୍ୟରେ ଦୁବୁଲାବେଡା ଗାଁର ବିଶେଶ୍ୱର ମହାନ୍ତ, ଟେଣ୍ଟପୋଷି ଗାଁର ବାସୁଦେବ ବେହେରା, ବାଲିଆ ଡିପାର ବସନ୍ତ କୁମାର ଗିରିଙ୍କୁ ରାଷ୍ଟ୍ରପତି ଶାଲ୍ ଦେଇ ସମ୍ମାନିତ କରିଥିଲେ । ଏହା ପରେ ସେଠାରୁ ବାହାରି ଉପରବେଡା ଗ୍ରାମ ସ୍ଥିତ କମଳା ବିମଳା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏକ ସଭାରେ ଯୋଗଦେଇ ଯୁବବର୍ଗଙ୍କ ସହିତ ଆଲୋଚନା କରିଥିଲେ । ପରେ ସେ ଉପରବେଡା ଗ୍ରାମ ସ୍ଥିତ ନିଜ ପୈତୃକ ଘରେ ପହଞ୍ଚି ପୁତୁରା ଓ ପୁତୁରା ବୋହୂଙ୍କ ସମେତ ଆତ୍ମୀୟଙ୍କ ସହିତ ଆଲୋଚନା କରିଥିଲେ । ଅପରାହ୍ନ ୧.୨୦ରେ ଉପରବେଡା ଗ୍ରାମରୁ ବାହାରି ସଡ଼କପଥରେ ରାଇରଙ୍ଗପୁର ବାସଭବନରେ ପହଞ୍ଚିଥିଲେ । ଅପରାହ୍ନ ୩.୩୦ରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସଏଲଏସ ଟ୍ରଷ୍ଟ ବୋର୍ଡ ତରଫରୁ ଏକ ଆମ୍ବୁଲାନ୍ସ ଓ ସ୍ୱର୍ଗରଥ ଗାଡି ଡାକ୍ତରଖାନାକୁ ହସ୍ତାନ୍ତର କରିଥିଲେ । ଅପରାହ୍ନରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପହଞ୍ଚି ସେଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରି କୁଚେଇବୁଡି ପୂର୍ଣ୍ଣେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ । ପରେ ରାଇରଙ୍ଗପୁର ମହୁଲଡିହା ସ୍ଥିତ ନିଜ ବାସଭବନକୁ ଯାଇଥିଲେ । ଶନିବାର ମହାମହିମ ବାଙ୍ଗିରିପୋଷିଠାରେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇ ରେଳ ବିଭାଗର ୩ଟି ନୂତନ ପ୍ରକଳ୍ପ ଶିଳାନ୍ୟାସ କରିବେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

- **ଉପରବେଡ଼ା ଉତ୍ସବମୁଖର**
- **ବିଦ୍ୟାଳୟ ବୁଲିଲେ; ପରିବାର ଓ ଗ୍ରାମବାସୀଙ୍କୁ ଭେଟିଲେ**
- **ଆଦିବାସୀ ପରମ୍ପରାରେ ନାଚିଗାଇ ସ୍ୱାଗତ କଲେ ଗ୍ରାମବାସୀ**
- **ଆଜି କରିବେ ତିନି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**




### ବରିଷ୍ଠ ନାଗରିକ ସଂଘକୁ ମିଳିଲାନି ସହାୟତା ରାଶି

## ନବୀନଙ୍କ ଘୋଷଣା କାର୍ଯ୍ୟକାରୀ କରୁନାହାନ୍ତି ନୂତନ ସରକାର

**ବାରିପଦା, ୬ ।୧୨(ସମିସ):** ବରିଷ୍ଠ ନାଗରିକ ସଂଘଗୁଡିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତି ସଂଘକୁ ୫୦ ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ । ତେବେ ରାଜ୍ୟ ସରକାର ପରିବର୍ତ୍ତନ ହେବା ପରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଏ ଯାଏ ସହାୟତା ରାଶି ମିଳୁନାହିଁ । ଏହିପରି ସମସ୍ୟା ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନର ୯ଟି ବରିଷ୍ଠ ନାଗରିକ ସଂଘକୁ ସମୁଦାୟ ୪ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ଯୋଗାଇବା ଦେବାକୁ ସାଧାରଣ ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ । ବରିଷ୍ଠ ନାଗରିକମାନେ ଏହା ଜରିଆରେ ଅବସରକାଳୀନ ସମୟରେ ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିପାରିବେ ବୋଲି ଆଶାବ୍ୟକ୍ତ କରାଯାଇଥିଲା । ଉକ୍ତ ଅର୍ଥ ରାଶି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜରିଆରେ ସଂଘଗୁଡିକୁ ପ୍ରଦାନ ହେବା ନେଇ ଗତ ମାର୍ଚ୍ଚ ମାସରେ ତତ୍କାଳୀନ ରାଜ୍ୟ ସରକାର ପତ୍ର ଯୋଗେ ଜଣାଇଥିଲେ; କିନ୍ତୁ ସାଧାରଣ ନିର୍ବାଚନ ପରେ ରାଜ୍ୟ ସରକାର ବଦଳିବାରୁ ଆଉ ବରିଷ୍ଠ ନାଗରିକଙ୍କ ସହାୟତା ଯୋଗାଇବା ପ୍ରତି ରାଜ୍ୟ ସରକାର ଟିକେ ହେଲେ ମନ ନିବେଶ କରୁନାହାନ୍ତି । ଏନେଇ ସଂଘ ଗୁଡିକ ବାରମ୍ବାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଭେଟି ନିଜ ଦାବି ଉପସ୍ଥାପନ କରୁଥିବା ବେଳେ ୬ମାସରୁ ଊମାସ ସମୟ ବିତିଥିଲେ ମଧ୍ୟ କୌଣସି ସମାଧାନ ହେଲା ନାହିଁ । ଜିଲ୍ଲା ଅଧିକାରୀ ସହାୟତା ରାଶି ପ୍ରଦାନ ବାବଦରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବଙ୍କୁ ପତ୍ରସଂଖ୍ୟା ୧୫୬୪/୬-୦୮-୨୦୨୪ ଯୋଗେ ଜଣାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରୁନାହିଁ । ଫଳରେ ସହାୟତା ରାଶି ପାଇବାରେ ବିଳମ୍ବ ହେଉଛି ।

ଅନ୍ୟପଟେ ପତ୍ରର କୌଣସି ସ୍ପଷ୍ଟୀକରଣ ମିଳିପାରୁନଥିବାରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବରିଷ୍ଠ ନାଗରିକ ସଂଘକୁ ଘୋଷିତ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରିପାରୁନାହାନ୍ତି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ପୁଣି ଥରେ ପତ୍ର ଲେଖି ଅବଗତ କରାଯିବ ବୋଲି କହିଛନ୍ତି ।

## ସ୍କୁଲ ପରିଚାଳନା କମିଟିର କାର୍ଯ୍ୟକାଳ ବୃଦ୍ଧି

**ବାରିପଦା, ୬ ।୧୨(ସମିସ):** ସ୍କୁଲ ପରିଚାଳନା କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ଏ ନେଇ ରାଜ୍ୟ ବିଦ୍ୟାଳୟ ଶିକ୍ଷା ଯୋଜନା କର୍ତ୍ତୃପକ୍ଷ ଆସନ୍ତା ୨୦୨୫ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଯୋଗେ ସୂଚନା ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ ସ୍କୁଲଗୁଡିକର ପରିଚାଳନା ନିମନ୍ତେ ଅଭିଭାବକଙ୍କୁ ନେଇ କମିଟି ଗଠନ କରାଯାଇଛି । କମିଟିଗୁଡ଼ିକର କାର୍ଯ୍ୟକାଳ ନଭେମ୍ବର ୩୦ ତାରିଖରେ ଶେଷ ହୋଇଥିବା ବେଳେ କାର୍ଯ୍ୟକାଳ ବୃଦ୍ଧି ହୋଇଛି । ଏହା ସହିତ ସମଗ୍ର ଶିକ୍ଷା ଅଭିଯାନର ଅଧକ୍ଷ ତଥା ଜିଲ୍ଲାପାଳ ଏହାର ପରିଚାଳନା ଓ କାର୍ଯ୍ୟକାରିତା ଅନୁଧ୍ୟାନ କରିବାକୁ ମଧ୍ୟ ସୂଚିତ କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

**ଠାକୁରମୁଣ୍ଡା, ୬।୧୨(ସମିସ):** ଠାକୁରମୁଣ୍ଡା-ଭୀମକୁଣ୍ଡ ରାସ୍ତାର ଖଜୁରିଆ ଜଙ୍ଗଲ ବାଙ୍କ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପଡ଼ିଯାଇ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ସେହି ରାସ୍ତା ଦେଇ ଯାଉଥିବା ଦୁଇ ଜଣ ଶିକ୍ଷକ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ଖଣ୍ଡବନ୍ଧ ପଞ୍ଚାୟତ ଟିକର ପଡ଼ା ଗାଁର (ବଣସାହି) ବାଦଲ ନାଏକ (୨୬) କେନ୍ଦୁଝର ଜିଲ୍ଲା ଶୁଆକାଠି (ନୁଣଘାର) ଗାଁର ଚନ୍ଦନ ନାଏକ (୩୦) ଠାକୁରମୁଣ୍ଡା ବଜାରକୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ । ଫଳରେ ସେମାନେ ଗୁରୁତ ହୋଇପଡ଼ିଥିଲେ । ସେମାନଙ୍କୁ ଠାକୁରମୁଣ୍ଡା ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

## ଶୁନଗଡ଼ିଆରୁ ବାଇକ୍ ଚୋରି

**ବାରିପଦା, ୬ ।୧୨(ସମିସ):** ଘର ମଧ୍ୟରୁ ବାଇକ ଚୋରି ହୋଇଥିବା ନେଇ ସୁନ ଗଡ଼ିଆ ଅଞ୍ଚଳର ସପନ କୁମାର କମିଲା ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି । ସେ ଘର ମଧ୍ୟରେ ବାଇକଟିକୁ ରଖିଥିଲେ । ରାତିରେ ଦୁର୍ବୃତ୍ତମାନେ ଫାଟକ ଖୋଲି ବାଇକ ଚୋରି ନେଇ ପଳାଇଛନ୍ତି । ପରେ ପିସିଆରକୁ ଖବର ଦେଇଥିଲେ । ବହୁ ସମୟ ଧରି ଆଖପାଖ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ବାଇକଟି ପାଇନଥିଲେ । ଶେଷରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ତଦନ୍ତ ଚଳାଇଛି ।

## 'ଶୁକୃଳି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଉ'

**ଖୁଣ୍ଟି, ୬।୧୨(ସମିସ):** ପନିପରିବା ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁଁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି । ଶକୃଳି ବ୍ଲକର ପ୍ରାୟ ସମସ୍ତ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ଭାବେ ସବୁଜ ପନିପରିବା ବର୍ଷତମାମ ଚାଷ ହୋଇଥାଏ । ବିଶେଷତଃ ଶୀତ ଋତୁରେ ବହୁଳ ଭାବରେ ଉତ୍ପନ୍ନ ହେଉଥିବା ପନିପରିବା ସମେତ ପିଆଜ, ରସୁଣ, ଆଳୁ ଆଦି ଅର୍ଥକାରୀ ଫସଲକୁ କୃଷକମାନେ ବିଭିନ୍ନ ସାପ୍ତାହିକ ହାଟରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥା'ନ୍ତି; କିନ୍ତୁ ଶୁକୃଳି ବ୍ଲକରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ବଳକା ପନିପରିବା ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ବିକ୍ରି କରିନପାରି ଶାଗମାଛ ଦରରେ ବିକ୍ରି କରୁଛନ୍ତି । ଶୀତଳ ଭଣ୍ଡାର ନ ଥିବାରୁ ଦୈବୀ ଦୁର୍ବିପାକ ସମୟରେ କ୍ଷେତରୁ ଫସଲ ସବୁକୁ ଆଣି ସାଇତି ରଖିବା ସମ୍ଭବ ହେଉନାହିଁ । ଏଥିପାଇଁ କୃଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୃଷି ଓ କୃଷକର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ବ୍ଲକରେ ତୁରନ୍ତ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ନାବାଳକ ନିରୁଦ୍ଦିଷ୍ଟ ନେଇ ଅଭିଯୋଗ

**ବାରିପଦା, ୬ ।୧୨(ସମିସ):** ସଉଦା ଆଣିବାକୁ ଯାଇଥିବା ବେଳେ ନାବାଳକ ନିରୁଦ୍ଦିଷ୍ଟ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏ ନେଇ ୱାର୍ଡ ନମ୍ବର ୧୬ଅଞ୍ଚଳର ରୀନା ପାତ୍ର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସଉଦା ଆଣିବାକୁ ଯାଇଥିବା ବେଳେ ବହୁ ସମୟ ଧରି ଘରକୁ ନ ଫେରିବାରୁ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ । ତେବେ କେଉଁଠି ବି ନ ପାଇ କେହି ଅପହରଣ କରିନେଇଥିବା ସନ୍ଦେହ କରି ନିରୁପାୟ ହୋଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

DSPL-238



**ସଶସ୍ତ୍ର ସେନା ପତାକା ଦିବସ ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୪ ଅବସରରେ, ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ସଶସ୍ତ୍ର ବାହିନୀର ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ । ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା, ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କର ଦେଶପ୍ରେମ, ବୀରତ୍ୱ, ବଳିଦାନ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି ।

ଏହି ଅବସରରେ ଗର୍ବର ସହିତ ସଶସ୍ତ୍ର ବାହିନୀର ପତାକା ଧାରଣ କରି ଏବଂ ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରି ସମଗ୍ର ଦେଶ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା, ଭିନ୍ନକ୍ଷମ ସୈନିକଙ୍କ ପୁନଃଥଇଥାନ ପାଇଁ ସହାନୁଭୂତି ଏବଂ ସମର୍ଥନ ଜଣାଇଥାଏ ।

ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ନାଗରିକମାନଙ୍କୁ ନିବେଦନ କରୁଛି ଯେ, ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଉଦାର ହୃଦୟରେ ଦାନ କରନ୍ତୁ ।

ଜୟ ହିନ୍ଦ !

(ରଘୁବର ଦାସ)
ରାଜ୍ୟପାଳ, ଓଡ଼ିଶା



**ସଶସ୍ତ୍ର ସେନା ପତାକା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା**

ଡିସେମ୍ବର ୭, ୨୦୨୪ ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ, ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗ ତଥା ସୀମାନ୍ତରେ ମୁତୟନ ଥିବା ସମସ୍ତ ସେନାନୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଆମ ଦେଶକୁ କେବଳ ବାହ୍ୟ ବିପଦରୁ ନୁହେଁ ବରଂ ଆଭ୍ୟନ୍ତରୀଣ ବିଦ୍ରୋହ, ଆତଙ୍କବାଦ ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନକୁ ସାହାଯ୍ୟ କରିବାରେ ସଶସ୍ତ୍ର ବାହିନୀ ନିଜ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି । ସଶସ୍ତ୍ର ବାହିନୀର ଅନେକ ସାହସୀ ଏବଂ ନିର୍ଭୀକ ବୀରମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ସହିଦ ହୋଇଛନ୍ତି । ଏହି ଦିନଟି ଆମର ବୀର ତଥା ସାହସୀ ସୈନିକମାନଙ୍କୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପ୍ରତି ଆମର ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ ।

ଏହି ଐତିହାସିକ ଦିବସ ଅବସରରେ, ମୁଁ ଓଡ଼ିଶାର ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସେବାରତ, ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା ତଥା ଭିନ୍ନକ୍ଷମ ସୈନିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଓ ପୁନଃଥଇଥାନ ନିମନ୍ତେ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0001/2425



ସପ୍ତମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା ଆସାମର ବିହୁନୃତ୍ୟ

## ମଞ୍ଚ ଦୁଲୁକାଇଲେ ସ୍ୱରାଜ, ପାମେଲା ଓ ଶଶାଙ୍କ







**ବାରିପଦା, ୬ ।୧୨(ସମିସ)**

ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ମୟୂରଭଞ୍ଜ ମହୋତ୍ସବର ସପ୍ତମ ବାର୍ଷିକ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଧରି ଚାଲିବାକୁ ଥିବାବେଳେ ପଞ୍ଚମ ସନ୍ଧ୍ୟା ଶୁକ୍ରବାର ପ୍ରଥମେ ଆସାମର ବିହୁ ଦଳର ଗୀତ ଓ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ପରେ ଓଡିଆ ଚକଲେଟ ହିରୋ ସ୍ୱରାଜ ବାରିକ ଏବଂ ମୁମ୍ବାଇର କଣ୍ଠଶିଳ୍ପୀ ପାମେଲା ଜୈନ ଓ ଶଶାଙ୍କ ଶେଖର ଭରପୂର ମନୋରଞ୍ଜନ ଯୋଗାଇଥିଲେ। କାର୍ଯ୍ୟକ୍ରମ ମଝିରେ ପ୍ରତି ସନ୍ଧ୍ୟା ଭଳି ଆଜି ଅତିଥିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ସାରସକଣା ବିଧାୟକ ଭାଦବ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କଂଗ୍ରେସ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ବିଜେପି ନେତା ଫାଗୁ ହାଁସଦା, କମିଟି ଅଧ୍ୟକ୍ଷ ଅସିତ ବରଣ ପତି, କାର୍ଯ୍ୟକାରୀ ସଭାପତି ସଞ୍ଜିବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା ଓ ବିପ୍ଳବ ଭଞ୍ଜନ ବୁଗୁଡ଼େଇଙ୍କ ସହିତ ଅନ୍ୟ କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଥିଲେ। ରଣଜିତ ଓ ଖୁସି ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଏହି ମହୋତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଘରକରଣା, ଖାଦ୍ୟ ଆଦି ବ୍ୟବସାୟିକ ଷ୍ଟଲ ମହୋତ୍ସବରେ ଖୋଲିଛି। ସେଲଫି ପଏଣ୍ଟରରେ ଓ ବାରୁଣେଶ୍ୱର ମନ୍ଦିର ଆକୃତିର ମେଢରେ ପ୍ରତିଦିନ ସେଲଫି ନେବା ପାଇଁ ଭିଡ ଜମୁଛି। ଏଥିସହିତ ମେଳାରେ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଶନିବାର ଷଷ୍ଠ ସନ୍ଧ୍ୟାରେ ହୋ, ମୁଣ୍ଡା ଓ କୋହ୍ଲ ସମ୍ପ୍ରଦାୟର ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ପଞ୍ଚମ ଦିନ

# ଫାଇନାଲରେ ଭୁବନେଶ୍ୱର ଓ କଟକ ଦଳ

**ବାରିପଦା, ୬ ।୧୨(ସମିସ):** ଭୁବନେଶ୍ୱର ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବର୍ଗର ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ପଞ୍ଚମ ଦିବସରେ ୫ଟି ଖେଳ ପଡ଼ିଆରେ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳକ ଟିମ ଗଞ୍ଜାମକୁ ପରାସ୍ତ କରିଥିଲା। ମଧୁବନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ବାଳକ ବିଭାଗର ମ୍ୟାଚରେ ମୟୂରଭଞ୍ଜ ଟିମ ପୁରୀକୁ ପରାସ୍ତ କରିଥିଲା ଓ ଲେଟକଟ୍ ଖେଳପଡ଼ିଆରେ ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚରେ ବଲାଙ୍ଗୀର ଟିମ ଢେଙ୍କାନାଳକୁ, ଦ୍ୱିତୀୟ ମ୍ୟାଚରେ ନବରଙ୍ଗପୁର ଟିମ ବଲାଙ୍ଗୀରକୁ ପରାସ୍ତ କରିଥିଲା। ସେହିପରି



ବିଭାଗର ୪ଟି ଟିମ୍ ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ ବାଳିକା ବିଭାଗର ଭୁବନେଶ୍ୱର ଓ କଟକ ଦଳ ଫାଇନାଲକୁ ପ୍ରବେଶ କରିଛନ୍ତି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମର ଖେଳ ପଡ଼ିଆରେ ଅନୁଷ୍ଠିତ ବାଳକ ବିଭାଗର ମ୍ୟାଚରେ ଗଜପତି ଟିମ ସମ୍ବଲପୁରକୁ ପରାସ୍ତ କରିଥିଲା। ଏପିଜେ ଅବଦୁଲ କଲାମ ପଡ଼ିଆର ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚରେ ଗଞ୍ଜାମ ଟିମ ବାଲେଶ୍ୱରକୁ, ଦ୍ୱିତୀୟ ମ୍ୟାଚରେ ଅନୁଗୁଳ ଷ୍ଟେସନବଜାର ଖେଳପଡ଼ିଆରେ ଅନୁଷ୍ଠିତ ବାଳିକା ବିଭାଗରେ ମ୍ୟାଚ ଭୁବନେଶ୍ୱର ଟିମ ମୟୂରଭଞ୍ଜକୁ ପରାସ୍ତ କରିଅଛି। ଆସନ୍ତାକାଲି ଶେଷ ଦିବସ ବାଳକ ବିଭାଗ ସେମିଫାଇନାଲ ମ୍ୟାଚରେ ଗଜପତି ସହିତ ଅନୁଗୁଳ ଏବଂ ମୟୂରଭଞ୍ଜ ସହିତ ନବରଙ୍ଗପୁର ଖେଳିବ। ସେହିପରି ବାଳିକା ବିଭାଗରେ ଫାଇନାଲ ମ୍ୟାଚରେ ଭୁବନେଶ୍ୱର ସହିତ କଟକ ଖେଳିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଓ ଦୀପକ ରାମ ଜଣାଇଛନ୍ତି।

# ୧୪୦ ଲିଟର ଚୋରା ଦେଶୀମଦ ଜବତ

**ବେତନଟୀ, ୬ ।୧୨(ସମିସ):** ଅବକାରୀ ବିଭାଗର ଜଳେଶ୍ୱରସ୍ଥିତ ସାଟେଲାଇଟ ଟିମ୍ ପକ୍ଷରୁ ଶୁକ୍ରବାର ବେତନଟୀର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଚୋରା ଦେଶୀମଦ ଜବତ କରାଯିବା ସହିତ ଏହି ବେଆଇନ କାରବାରରେ ଜଡିତ ୪ଜଣ ବ୍ୟବସାୟୀଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବେତନଟୀ ଉପକଣ୍ଠ ଆମ୍ବଯୋଡା ଗ୍ରାମର ରମାକାନ୍ତ ବେହେରାର ପୁଅ ମଣ୍ଟୁ ଓରଫ ନିର୍ମଳ ବେହେରା (୪୨) ଏବଂ ସେହି ଗ୍ରାମର ବୃଷକେତୁ ବେହେରାର ପୁଅ ଲୁଡୁ ଓରଫ ଜଗଦୀଶ ବେହେରା(୩୭), ବେତନଟୀ ପୁରୁଣାହାଟ ଅଞ୍ଚଳର ଉମାକାନ୍ତ ବେହେରା(୫୫) ଓ ଶୁଖିଲାହାର ସାମିଲ ମହୁଲିଆର ପ୍ରଦୀପ୍ତ। ସମସ୍ତ ଅଭିଯୁକ୍ତଙ୍କ ନିକଟରୁ ୧୪୦ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଜାମିନ ନାମଞ୍ଜୁର ପରେ ବାରିପଦାସ୍ଥିତ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଆନ୍ତଃମହାବିଦ୍ୟାଳୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

**ବାରିପଦା, ୬ ।୧୨(ସମିସ):** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ସମୂହକୁ ନେଇ ବାରିପଦା ଏମପିସି ସ୍ୱୟଂଶାସିତ କଲେଜ ପ୍ରାଙ୍ଗଣରେ ଚାଲିଥିବା ଆନ୍ତଃକଲେଜ ଆଥଲେଟିକ ମିଟ୍ ଉଦଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ମହାକୁମ୍ଭକୁ ଏମପିସି କଲେଜ ସଫଳତାର ସହ ଆୟୋଜନ କରିଥିଲା। ଉଦଯାପନୀ ତଥା ପୁରସ୍କାର ବିତରଣ ସଭାରେ ଅଂଶଗ୍ରହଣ କରିଥିବା ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚ ଫାଷ୍ଟ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ସହଦେବ ସମାଧିଆ, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ ସହ ସମାବେଶକୁ ସମ୍ବୋଧିତ କରିଥିଲେ। ଅତିଥିମାନେ ସଫଳ ନାଗରିକ ଗଠନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଆୟୋଜନ କମିଟିର ସମ୍ପାଦକ ଅଧ୍ୟାପକ ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ା କାର୍ଯ୍ୟକ୍ରମକୁ ପିଇଟି ସତ୍ୟନାରାୟଣ ବାରିକ ପରିଚାଳନା



କରିଥିଲେ। ଆୟୋଜନ କମିଟିର ସଦସ୍ୟ ଡ. ଆଲବର୍ଣ୍ଣିନା ତିର୍କୀ, ରାଇମଣି ମାର୍ଣ୍ଡି, ଡ. ରତନି ହାଁସଦା, ଡ. ସାଉନା ମାଝୀ, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ଦେବପ୍ରିୟ ପ୍ରିୟଦର୍ଶୀଚକ୍ର, ସୁପ୍ରିମ ମଣ୍ଡଳ, ସସ୍ମିତା ଦାସ, ଡ. ରୂପସା ମହାପାତ୍ର, ପ୍ରେମ ପ୍ରସାଦ, ଡ. ସୁଧୀର କିସ୍କୁ ଓ ଭୀମଚରଣ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ। ଶେଷରେ ଅଧ୍ୟାପିକା ଡ଼. ଦେବସ୍ମିତା ପାଲ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଥଲେଟିକ ମିଟରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଉଦଯାପନୀ ଉତ୍ସବରେ କଲେଜର ସମସ୍ତ ବର୍ଗର କର୍ମଚାରୀ ଓ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। କଲେଜ ବର୍ଗରେ ଯୁଗ୍ମ ଭାବରେ ଏମପିସି ସ୍ୱୟଂଶାସିତ କଲେଜ ଓ ଆଞ୍ଚଳିକ ମହାବିଦ୍ୟାଳୟ ସୋମପାଟଣା ଚାମ୍ପିଅନ ହୋଇଥିଲା ବେଳେ ଏକକ୍ ପୁରୁଷ ବର୍ଗରେ ରାଜେଶ ମାରାଣ୍ଡି, ସୀମାନ୍ତ ମହାବିଦ୍ୟାଳୟ ଓ ମହିଳା ବର୍ଗରେ ଯୁଗ୍ମ ଭାବେ ଏମପିସି ସ୍ୱୟଂଶାସିତ କଲେଜର ସନ୍ଧ୍ୟା ମୁର୍ମୁ ଓ ବାରିପଦା ସରକାରୀ ମହିଳା କଲେଜର ଅଲଫା ହେମ୍ବ୍ରମ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

# ୨ ମଦ ବେପାରୀ ଗିରଫ

**ବେତନଟୀ, ୬ ।୧୨(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବଡସାହି ଥାନା ଅଧୀନ ଛଲିଆ(ବି) ଓ ମାର୍କୁଣ୍ଡି ଗ୍ରାମରେ ଚଢାଉକରି ଛେଳିଆ-ବି ଗ୍ରାମର ବାସନ୍ତୀ ମୁର୍ମୁ ଓ ମାର୍କୁଣ୍ଡି ଗ୍ରାମର କୈଳାଶଚନ୍ଦ୍ର ମହାନ୍ତକୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ସର୍ବମୋଟ ୨୩ଲିଟର ଚୋରା ଦେଶିମଦ ଜବତ କରାଯାଇଛି।

ବନ୍ୟଜନ୍ତୁ ଶିକାର ଓ ବନାଗ୍ନି ରୋକିବାକୁ ନିୟୋଜିତ ହେବ ଏଟିଭି

# ୫ ବନଖଣ୍ଡକୁ ମିଳିଲା ୨୪ଟି ଅତ୍ୟାଧୁନିକ ଗାଡ଼ି



**ବାରିପଦା, ୬ ।୧୨(ସମିସ)**

ବନ୍ୟଜନ୍ତୁ ଶିକାର ଏବଂ ବନାଗ୍ନି ଦାଉରୁ ଜଙ୍ଗଲକୁ ସୁରକ୍ଷା ଯୋଗାଇବା ପାଇଁ ବନ ବିଭାଗ ପକ୍ଷରୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ଅତ୍ୟାଧୁନିକ ଥାର ଓ ଯୋଦ୍ଧା ଆଦି ଗାଡି ପ୍ରଦାନ କରାଯାଇଛି। ଇତି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ପାଇଁ ୨୪ଟି ଅତ୍ୟାଧୁନିକ ଏଟିଭି ଗାଡ଼ି ପ୍ରଦାନ କରାଯାଇଛି; ଯାହାକି ଜିଲ୍ଲାର ୫ଗୋଟି ବନଖଣ୍ଡରେ ନିୟୋଜିତ ହୋଇ ବନ୍ୟପ୍ରାଣୀ ସୁରକ୍ଷା ଭିତ୍ତିଭୂମିକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅତ୍ୟାଧୁନିକ ପଦ୍ଧତି କାର୍ଯ୍ୟ କରିବ। ମହିନ୍ଦ୍ରା ଥର ଅଲ-ଟେରେନ୍ ଗାଡ଼ି (ଏଟିଭି), ଟାଟା ଯୋଦ୍ଧା ଅଗ୍ନି ନିର୍ବାପକ ଗାଡ଼ି ଓ ଟାଟା-୪୧୦ ଅଗ୍ନି ନିରାକରଣ ସହାୟତା ପରି ୩ଟି ଭିନ୍ନ ଗାଡି ରହିଛି। ବାରିପଦା ବନଖଣ୍ଡ ପାଇଁ ଗୋଟିଏ ଲେଖାଏଁ ଅଗ୍ନି ନିର୍ବାପକ ଗାଡ଼ି ଓ ଅଗ୍ନି ନିରାକରଣ ପ୍ରଦାନ ହୋଇଛି। ସେହିପରି କରଞ୍ଜିଆ ବନଖଣ୍ଡ ପାଇଁ ଗୋଟିଏ ଲେଖାଏଁ ଅଲ-ଟେରେନ୍ ଗାଡ଼ି (ଏଟିଭି), ଟାଟା ଯୋଦ୍ଧା ଅଗ୍ନି ନିର୍ବାପକ ଗାଡ଼ି ଓ ଟାଟା-୪୧୦ ଅଗ୍ନି ନିରାକରଣ ପ୍ରଦାନ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ପାଇଁ ଗୋଟିଏ ଲେଖାଏଁ ଅଗ୍ନି ନିର୍ବାପକ ଗାଡ଼ି ଓ ଅଗ୍ନି ନିରାକରଣ ପ୍ରଦାନ ହୋଇଛି। ଶିମିଳିପାଳ ଉତ୍ତର ବନଖଣ୍ଡ ପାଇଁ ୩ଟି ଅଲ-ଟେରେନ୍ ଗାଡ଼ି(ଏଟିଭି), ୩ଟି ଟାଟା ଯୋଦ୍ଧା ଅଗ୍ନି ନିର୍ବାପକ ଗାଡ଼ି ଓ ୧ଟି ଟାଟା-୪୧୦ ଅଗ୍ନି ନିରାକରଣ ପ୍ରଦାନ ହୋଇଛି। ଶିମିଳିପାଳ ଦକ୍ଷିଣ ବନଖଣ୍ଡ ପାଇଁ ୬ଟି ଅଲ-ଟେରେନ୍ ଗାଡ଼ି(ଏଟିଭି), ୩ଟି ଟାଟା ଯୋଦ୍ଧା ଅଗ୍ନି ନିର୍ବାପକ ଗାଡ଼ି ଓ ୧ଟି ଟାଟା-୪୧୦ ଅଗ୍ନି ନିରାକରଣ ପ୍ରଦାନ ହୋଇଛି। ବନ ବିଭାଗ ପକ୍ଷରୁ ଗାଡି କମ୍ପାନୀଗୁଡିକ ଦ୍ୱାରା ସ୍ୱତନ୍ତ୍ର ଭାବେ ଏହାକୁ ପ୍ରସ୍ତୁତ କରି ସାମିଲ କରାଯାଇଛି। ଉକ୍ତ ଗାଡି ଗୁଡିକ ଯଥାକ୍ରମେ ୧୦୦୦, ୫୦୦ ଓ ୨୦୦ ଲିଟର ପର୍ଯ୍ୟନ୍ତ ପାଣି ଧାରଣା କ୍ଷମତା ସହ କଷ୍ଟମାଇଜଡ୍ ସ୍ପ୍ରିଙ୍କଲର ସିଷ୍ଟମ୍ ମଧ୍ୟ ରହିଛି। ଗାଡି ଜଙ୍ଗଲର ଦୁର୍ଗମ ପାହାଡ଼, ଖାଲଢ଼ିପ, କାଦୁଅ, ପାଣି ଅଞ୍ଚଳ ପରି ପ୍ରତିଟି ସ୍ଥାନକୁ ଯିବାକୁ କ୍ଷମତା ରହିଛି। ଏହି ଗାଡି ପାଟ୍ରୋଲିଂ କରି ବନ୍ୟଜନ୍ତୁ ସୁରକ୍ଷା ଦେବ। ଜଙ୍ଗଲ ମଧ୍ୟରେ ପଇଁତରା, ପର୍ଯ୍ୟାଲୋଚନା ଏବଂ ନୀରିକ୍ଷଣ ସୁନିଶ୍ଚିତ କରିବା ପାଇଁ ଏଟିଭି ଗୁଡିକ ନିର୍ଦ୍ଦିଷ୍ଟ ଭାବରେ ଦୁର୍ଗମ ଅଞ୍ଚଳ ପାଇଁ ପ୍ରସ୍ତୁତ କରାଯାଇଛି। ଯୋଦ୍ଧାଗୁଡିକ ଅଧିକ ବନାଗ୍ନି ଆଶଙ୍କା ଥିବା ସ୍ଥାନରେ ନିୟୋଜିତ ହେବା ସହ ଟାଟା-୪୧୦ ଗୁଡିକ ଅଧିକ ବନ କର୍ମଚାରୀ ଓ ସାମଗ୍ରୀକୁ ଧାରଣା କରି ବନାଗ୍ନି ସ୍ଥାନକୁ ଯାଇପାରିବ। ପୂର୍ବର ତଥ୍ୟକୁ ଦେଖିଲେ ଜାନୁଆରୀ ମାସର ଶେଷ କିମ୍ବା ଫେବୃଆରୀ ମାସର ଆରମ୍ଭ କରି ଏପ୍ରିଲ ପର୍ଯ୍ୟନ୍ତ ଅଧିକ ବନାଗ୍ନି ଘଟଣା ସମ୍ମୁଖକୁ ଆସିଥାଏ। ସାଧାରଣତଃ ଶିକାର ଉଦ୍ଦେଶ୍ୟରେ କିମ୍ବା ମହୁଲ ଫୁଲ ସଂଗ୍ରହ ପାଇଁ ଲୋକ ଅଗ୍ନି ସଂଯୋଗ ଦ୍ୱାରା ବନାଗ୍ନି ସ୍ଥିତି ଦେଖିବାକୁ ମିଳିଥାଏ। ତେବେ ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗ ପକ୍ଷରୁ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ବେଶ ସହାୟକ ହେବ ବୋଲି ଆଶାବ୍ୟକ୍ତ କରାଯାଇଛି।



### ସ୍ଥାପନ ହେବାର ୩ ବର୍ଷରେ ୩ଦିନ ବି ଚାଲିଲାନି ସୌର ପ୍ରକଳ୍ପ

# ଖତଖାଉଛି ଲକ୍ଷାଧିକ ଟଙ୍କାର ବ୍ୟାଟେରୀ, ଯନ୍ତ୍ରାଂଶ

ବେତନଟୀ, ୬।୧୨(ସମିସ): ପ୍ରାକୃତିକ ସମ୍ପଦର ସୁରକ୍ଷା ସାଙ୍ଗକୁ ବିଦ୍ୟୁତଶକ୍ତିର ଅପଚୟକୁ ରୋକିବା ପାଇଁ ବିକଳ୍ପଭାବେ ସୌରଶକ୍ତିରୁ ବିଦ୍ୟୁତ ଉତ୍ପନ୍ନ ପୂର୍ବକ ଆବଶ୍ୟକତା ପୂରଣ କରିବାକୁ ବେତନଟୀ ବ୍ଲକରେ ୧୦ କିଲୋୱାଟ କ୍ଷମତା ସମ୍ପନ୍ନ ୧୫ ଲକ୍ଷ ଟଙ୍କାର ପ୍ରକଳ୍ପ ସ୍ଥାପନ କରାଯାଇଥିଲା; ହେଲେ ସ୍ଥାପନ ହେବାର ୩ ବର୍ଷ ବିତିଯାଇଥିଲେ ହେଁ ୩ ଦିନ କାମରେ ଲାଗିପାରିନାହିଁ। ଫଳରେ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଏବେ ଖତ ଖାଉଛି। ସୂଚନା ଅନୁସାରେ, ଗତ ୩ବର୍ଷ ତଳେ ବ୍ଲକ କାର୍ଯ୍ୟାଳୟରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ୧୦ କିଲୋୱାଟ ସୌର ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପରେ ୪୫ଟି ସୋଲାର ପ୍ୟାନେଲ ମଧ୍ୟ ରହିଛି। ସୋଲାର ପ୍ୟାନେଲ ମାଧ୍ୟମରେ ସୂର୍ଯ୍ୟକିରଣରୁ ବିଦ୍ୟୁତଶକ୍ତି ଉତ୍ପନ୍ନ ହୋଇ ୧୨୦ଟି ବ୍ୟାଟେରୀରେ ସଂରକ୍ଷିତ ହୋଇ ରହିବା ସହିତ ଆବଶ୍ୟକତା ମୁତାବକ ବିଦ୍ୟୁତଶକ୍ତି ବ୍ୟବହାର କରାଯିବା ବ୍ୟବସ୍ଥା ମଧ୍ୟ ରହିଛି; କିନ୍ତୁ ଏହି ପ୍ରକଳ୍ପ ୩ ଦିନ କାମ କରିନଥିବାବେଳେ ଯୋଗାଣକାରୀ ସଂସ୍ଥା ସରକାରୀ ତହବିଲରୁ ଟଙ୍କା ଉଠାଇ



ନେଇ ପଳାଇଛି। ଏପରିକି ମୂଲ୍ୟବାନ ତମ୍ବାତାରକୁ ସ୍ଥାପନର କିଛିଦିନ ମଧ୍ୟରେ ଦୁର୍ବୃତ୍ତମାନେ ଚୋରିକରି ନେଇ ପଳାଇଛନ୍ତି। ଫଳରେ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଥିଲା। ପୁଣି ଉକ୍ତ ସଂସ୍ଥାକୁ ଖବର ଦେବାପରେ କିଛିମାସ ପରେ ସୋଲାର ପ୍ୟାନେଲ ସହିତ ବ୍ୟାଟେରୀକୁ ସଂଯୋଗ କରାଯାଇଥିଲେ ହେଁ ସେତେବେଳକୁ ବ୍ୟାଟେରୀ ଗୁଡିକ ନଷ୍ଟ ହୋଇଯାଇଥିଲା। ଇତିମଧ୍ୟରେ ଏକାଧିକ ବିଡିଓଙ୍କ ବଦଳି ହୋଇସାରିଲାଣି। କିନ୍ତୁ କୌଣସି ବିଡିଓ ଏଥିପ୍ରତି ତିଳେମାତ୍ର ଦୃଷ୍ଟି ଦେଇନାହାନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏକକାଳୀନ ୪ରୁ ୫ଟି ଏସି ଘଣ୍ଟାଘଣ୍ଟା

#### ଆରମ୍ଭରୁ ବାଟବଣା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ଧରି ଚାଲିପାରିବ। ଏହାବାଦ ୫୦ରୁ ଊର୍ଦ୍ଧ୍ୱ ଏଲଇଡି ଲାଇଟ ସମେତ ଫ୍ୟାନ ମଧ୍ୟ ଦିନତମାମ ଚାଲିପାରିବ। ଏପଟେ ମାସକୁମାସ ବିଦ୍ୟୁତବିଲ ବାବଦକୁ ହଜାର ହଜାର ଟଙ୍କା ପୈଠ କରାଯାଉଛି। ଗୋଟିଏ ପଟେ ବିଦ୍ୟୁତଶକ୍ତିର ବିକଳ୍ପ ଭାବରେ ସୌରଶକ୍ତିରୁ ବିଦ୍ୟୁତ ଉତ୍ପନ୍ନ କରିବା ପାଇଁ ଲକ୍ଷଲକ୍ଷ ଟଙ୍କାର ସରକାରୀ ଅର୍ଥ ବିନିଯୋଗରେ ପ୍ରକଳ୍ପ ଥିବାବେଳେ କାର୍ଯ୍ୟକ୍ଷମ ନହୋଇ ହଜାର ହଜାର ଟଙ୍କା ବିଦ୍ୟୁତବିଲ ଦିଆଯାଉଛି। ଏନେଇ ବେତନଟୀ ବ୍ଲକ ବିଡିଓ ଗୋପୀନାଥ ଖାଖାଙ୍କୁ ଯୋଗାଯୋଗ କରିବାରୁ ବ୍ଲକ କାର୍ଯ୍ୟାଳୟ ଛାତରେ ଲାଗିଥିବା ସୌର ପ୍ରକଳ୍ପ ସମସ୍ୟା ବାବଦରେ ଅବଗତ ନ ଥିବା କହିଥିବାବେଳେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

## ମୋରଡା: ୩ ମାସରେ ୨୦ରୁ ଅଧିକ ଚୋରି

ମୋରଡା, ୬।୧୨(ସମିସ): ମୋରଡା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କେତେବେଳେ ଗାଡି ବ୍ୟାଟେରୀ ତ ଅନ୍ୟ କେତେବେଳେ ଟ୍ରାନ୍ସଫର୍ମରରୁ କୋଏଲ ଚୋରି ହେଉଛି। ଗତ ୩ ମାସ ମଧ୍ୟରେ ମୋରଡା ଥାନା ଅଞ୍ଚଳରେ ୨୦ରୁ ଅଧିକ ଚୋରି ହୋଇଥିବା ନେଇ ଅଭିଯୋଗରୁ ଜଣାପଡ଼ିଛି। ଅଭିଯୋଗ ମୁତାବକ, ଗତ ଡିସେମ୍ବର ୩ ତାରିଖ ରାତିରେ ଉକ୍ତ ଥାନା ଅଧୀନ ଗୁହାଳଡିହା ଗ୍ରାମର ପ୍ରତିମା ଦେହୁରୀଙ୍କ ଘରେ ଦୁର୍ବୃତ୍ତମାନେ ପଶି ଦୁଇଟି ସୋଲାରପ୍ଲେଟ, ଗୋଟିଏ ବ୍ୟାଟେରୀ, ରୋଟରମେସିନ, ତିରିଶ କେଜି ଚାଉଳ, କୁରାଢ଼ୀ ଏବଂ ତିନି ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏନେଇ ପ୍ରତିମା ମୋରଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶୁଳିଆପଦା, ୬।୧୨(ସମିସ): ଶୁଳିଆପଦା ବ୍ଲକ କୋଷ୍ଠା ଗୌରମୋହନ ସାତୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସପନ କୁମାର ମଲ୍ଲିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଦେବବ୍ରତ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ତର୍କଶାସ୍ତ୍ରର ପ୍ରଦୀପ୍ତ ଦାସମହାପାତ୍ର, ମୁଖ୍ୟବକ୍ତାଭାବରେ ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ଦୋଳଗୋବିନ୍ଦ ମହାନ୍ତ ଏବଂ ନିମନ୍ତ୍ରିତ ଅତିଥି ଭାବେ ଗବେଷକ ତଥା ସାହିତ୍ୟିକ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ଯୋଗ ଦେଇ ଶ୍ରୀ ମଲ୍ଲିକଙ୍କ ଛାତ୍ର ବତ୍ସଳତା, ସାଧୁତା, ସମୟାନୁବର୍ତ୍ତିତା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଆଦି ଗୁଣର ପ୍ରଶଂସା କରିଥିଲେ। ଅଧ୍ୟାପିକା ସୁଚିତା ସେନାପତି ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପିକା ପ୍ରାଚୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରୁଦ୍ରନାଥ ଧୀର, ଅନିଲ କୁମାର ଭୂୟାଁ, ଭଗବାନ ଭଞ୍ଜ, ବିକାଶ ଧୁଙ୍ଗିଆ, ରଶ୍ମିତା ବାରିକ, ପ୍ରଣବ ସାତୁଆ, ସତ୍ୟବ୍ରତ ଦେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବିକାଶ କର୍ମଶାଳା



ବଡସାହି/ମାଣତ୍ରୀ, ୬।୧୨(ସମିସ): ବଡସାହି ବ୍ଲକ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଓ ଏନଡିଆରଏଫ୍ ଟିମ, କଟକର ମିଳିତ ସହଯୋଗରେ ଏକ ବିପର୍ଯ୍ୟୟ ପରିଚାଳନା ଓ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟକ୍ଷା ଅମିତା ପଣ୍ଡା ସଭାପତିତ୍ୱ କରିଥିଲେ। ଏନଡିଆରଏଫ୍‌ର ମୁଖ୍ୟ ପ୍ରଶିକ୍ଷକ ସବଇନ୍ସପେକ୍ଟର ବାହାଦୂର ସିଂ, କନେଷ୍ଟବଳ ମହମ୍ମଦ ଆରାଫତ, ଏସ.କେ ଆବାସ, ସତୀଶ କୁମାର ଯାଦବ ଓ ଶିବଶଙ୍କର ଦାସ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ କିପରି ବିପର୍ଯ୍ୟୟ ସମୟରେ ନିଜକୁ ତଥା ଅନ୍ୟକୁ ଆସନ୍ନ ବିପଦରୁ ରକ୍ଷା କରିପାରିବେ ସେ ନେଇ ଅବଗତ କରିଥିଲେ। ଏହାବ୍ୟତୀତ ଅଗ୍ନି ନିରାପତ୍ତା, ସିପିଆର, ସାପ କାମୁଡା, ବଜ୍ରପାତ, ଭୂମିକମ୍ପ ଓ ବିଜୁଳି ଘଡଘଡିରୁ ନିଜକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ଦିଗରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର କୌଶଳ ମାଧ୍ୟମରେ ତାଲିମ ଦେଇଥିଲେ।

## ରକ୍ତଦାନ କରି ମହାନତା ଦେଖାଇଲେ ଛାତ୍ରୀ



କରଞ୍ଜିଆ, ୬।୧୨(ସମିସ); ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ବାସିନ୍ଦା ସୟଦ ସାନିଆ ଅସରଫ ରକ୍ତଦାନ କରି ମହାନତା ଦେଖାଇଛନ୍ତି। ସେ ତୁରନ୍ତ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସିତ ହେଉଥିବା ପ୍ରଭାବତୀ ଦାସଙ୍କୁ ରକ୍ତଦାନ କରିଥିଲେ। ସେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ସେହନାଜ ବେଗମଙ୍କ କନ୍ୟା। ସାନିଆଁଙ୍କ ଏହି ମହତ କାମ ପାଇଁ ତାଙ୍କୁ କରଞ୍ଜିଆର ବିଭିନ୍ନ ଅନୁଷ୍ଠାନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଚୋରା ଦେଶୀ ମଦ ଜବତ; ୬ ଗିରଫ



ବାରିପଦା, ୬।୧୨(ସମିସ): ବେଆଇନ ଦେଶୀ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢଉ କରି ୬ ଜଣଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ୧୭୫ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ୬ ଜଣଙ୍କୁ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅନ୍ତର୍ଗତ ସୁରେଇଡ଼ିହି ଗ୍ରାମର ବଂଶୀଧର ହେମ୍ବ୍ରମ(୩୮), ରାଗଧା ଗ୍ରାମର ଜାନକୀ ହେମ୍ବ୍ରମ(୪୫), ଜଡଜାମଦା ଗ୍ରାମର ଦିଲ୍ଲୀପ ମାର୍ଣ୍ଡି(୨୮), ସେଜଡ଼ିହା ଗ୍ରାମର ଗୋପାଳ ଚନ୍ଦ୍ର ବେହେରା(୪୦), ବାରିପଦା ଟାଉନ ଥାନା ଅନ୍ତର୍ଗତ ସବରସାହି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦାସ(୫୦) ଓ ପ୍ରତିମା ବେହେରା(୩୩)। ଏନେଇ ଅବକାରୀ ବିଭାଗ ପକ୍ଷରୁ ୬ଗୋଟି ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚଢ଼ଉରେ ସଦର ଅବକାରୀ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ, ସଦର ଓଆଇସି ବ୍ରଜମୋହନ ମଲ୍ଲିକ, ଏଏସଆଇ ପ୍ରହ୍ଲାଦ ବିଶ୍ୱାଳ, ରଜନୀକାନ୍ତ ବେହେରା, ଦିବ୍ୟାନଶୁ ପଣ୍ଡା, ଦେବରାଜ ସାହୁ, ସବିତା ମହାନ୍ତ ଓ ହେମନ୍ତ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଯାତ୍ରା ଦେଖିବାକୁ ଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି



କପ୍ତିପଦା, ୬।୧୨(ସମିସ): କପ୍ତିପଦା ଥାନା ନୂଆସାହି (ବାଘମରା ଛକ) ଗ୍ରାମର ମନୋରଞ୍ଜନ ପାତ୍ର (୪୫) ଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଗାଁରେ ଯାତ୍ରା ହେଉଥିବା ବେଳେ ପରିବାର ଲୋକେ ସେଠାକୁ ଯାଇଥିବାବେଳେ ଚୋରି ହୋଇଥିଲା। ସକାଳେ ସେ ଘରେ ପହଞ୍ଚି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଓ ନଗଦ ୪୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ସେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିବା ସହିତ ଘର ନିକଟରେ ଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ପ୍ରାୟ ୨ମାସ ମଧ୍ୟରେ ନୂଆସାହିରେ ଦୁଇଟି ଚୋରି ହୋଇଥିବା ଜଣାପଡ଼ିଛି।

## ଖଣି ଓ ବନ ବିଭାଗର ଚଢଉ; ୬ ଡମ୍ପର ଓ ୨ ଜେସିବି ଜବତ



କପ୍ତିପଦା, ୬।୧୨(ସମିସ): କଳମଗଡ଼ିଆ ପଞ୍ଚାୟତ କାଠୁଆ ନିକଟରୁ ବେଆଇନ ଭାବେ ଚାଲାଣ କରୁଥିବା ୬ଟି ଡମ୍ପର ଓ ୨ଟି ଜେସିବିକୁ ବନବିଭାଗ ଓ ଖଣି ବିଭାଗ ଜବତ କରିଛି। ଦୀର୍ଘଦିନ ଦେଲା ମୟୂରଭଞ୍ଜ ଓ ବାଲେଶ୍ୱର ସୀମାନ୍ତରେ ଥିବା ଶାରୀଶୁଆ ପାହାଡ଼ ଏବଂ ଆଖପାଖ ଅଞ୍ଚଳରେ ଥିବା ଖଣି ଖାଦାନକୁ କିଛି ପଥର ମାଫିଆ ଲୁଟ କରି ଚାଲିଛନ୍ତି। କୁଲଡିହା ଅଭୟାରଣ୍ୟ ଓ ଶିମିଳିପାଳ ସଂଲଗ୍ନ ଏହି ଅଞ୍ଚଳ ଥିବାରୁ ମାଫିଆମାନେ ଖୋଲାଖୋଲି କୋଟିକୋଟି ଟଙ୍କା ହରିଲୁଟ କରୁଛନ୍ତି। ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଗତ ୪ତାରିଖ ବିଳମ୍ବିତ ରାତିରେ ମାଫିଆମାନେ ଜେସିବି ଓ ଡମ୍ପରରେ ଖନନ କରି ମୋରମ ଏବଂ ପଥର ଚାଲାଣ କରୁଥିବାବେଳେ ଖଣି ଏବଂ ବନ ବିଭାଗ ଭୋରୁ ଚଢଉ କରି ଗାଡିଗୁଡିକୁ ଜବତ କରିଥିଲେ। ଏହି ଚଢ଼ଉରେ କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କପ୍ତିପଦା ତହସିଲଦାର, କପ୍ତିପଦା ବନ ବିଭାଗ, ଶରତ ଥାନା ବିଭାଗ ଓ ଜିଲ୍ଲା ଖଣି ବିଭାଗ ସାମିଲ ହୋଇଥିଲେ।

### ପଟ୍ଟାଜମିକୁ ବେଆଇନ ଦଖଲ ନେଇ ଅଭିଯୋଗ

## ତଞ୍ଚକତା କରି ଜାଗା ମାପ ରିପୋର୍ଟ ପରିବର୍ତ୍ତନ

ମୋରଡା, ୬।୧୨(ସମିସ): ମୋରଡା ବ୍ଲକ ଅଧୀନ ସୁରେଇଡ଼ିହି ପଞ୍ଚାୟତ ଜାମଶୋଳ ଗ୍ରାମର ଯଯାତିକେଶରୀ ମହାନ୍ତଙ୍କ ପଟ୍ଟଜମି ବେଆଇଭାବେ ଦଖଲକୁ କରାଯାଇଥିବା ନେଇ ସେ ଆଜି ଅତିରିକ୍ତ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଜାମଶୋଳ ମୌଜାର ଖାତା ନମ୍ବର-୨୩୩/୨୬, ୨୩୩/୨୭ରେ ମୋଟ ୧ଏକର ୧୮୦ ଡେସିମିଲ ଜାଗା ଯଯାତିଙ୍କ ନାମରେ ରହିଛି। ତେବେ ଉକ୍ତ ଜାଗାର ଜାଗା ଚିହ୍ନଟ ପାଇଁ ଯଯାତି ମୋରଡା ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ଏହାପରେ ଅକ୍ଟୋବର ୨୯ ତାରିଖରେ ପୁଲିସ ଏବଂ ତହସିଲ ପ୍ରଶାସନର ଉପସ୍ଥିତିରେ ଜାଗା ମାପ ହେବା ପରେ ୨୦ରୁ ୨୫ ଡେସିମିଲ ଜାଗା ବାରିପଦା ଥାନା ଅଞ୍ଚଳର ଦୀନେଶ କୁମାର ଅଗ୍ରୱାଲ ବେଆଇନ ଭାବେ



ଦଖଲ କରିଥିବା ଜାଣିବାକୁ ପାଇଥିଲେ। ତେବେ ଜାଗାମାପ ଦିନ ଦୀନେଶ ମଧ୍ୟ ଉପସ୍ଥିତ ଥିଲେ। ବେଆଇନ ଭାବେ ଦଖଲ କରିଥିବା ଜାଗାକୁ ଛାଡ଼ିଦେବେ ବୋଲି କହିଥିଲେ; କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ ଜାଗା ଛାଡି ନାହାନ୍ତି। ଜାଗା ମାପ କରିଥିବା ଅମିନ ଗଗନ କୁମାର ମିଶ୍ର ମାପ ସରିବା ପରେ ଯଯାତି ଏବଂ ଉପସ୍ଥିତ ଗ୍ରାମର ଭଦ୍ରଲୋକଙ୍କ ଦସ୍ତଖତ ନେଇ ଏକ ଜାଗା ମାପ ସମ୍ବନ୍ଧରେ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ; କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଅମିନ ଗଗନ ମିଶ୍ର ଉକ୍ତ ରିପୋର୍ଟରେ ଥିବା ସମସ୍ତଙ୍କ ଦସ୍ତଖତର ନକଲ କପି କରିବା ସହିତ ତଞ୍ଚକତା କରି ଜାଗା ମାପ ରିପୋର୍ଟକୁ ପରିବର୍ତ୍ତନ କରିଛନ୍ତି। ଏ ନେଇ ଆଜି ଯଯାତି ମୟୂରଭଞ୍ଜ ଅତିରିକ୍ତ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ଘଟଣାର ଉପଯୁକ୍ତ ତଦନ୍ତ କରି ତାଙ୍କ ଜାଗାକୁ ଦୀନେଶଙ୍କ କବଳରୁ ମୁକ୍ତ କରିବା ପାଇଁ ସେ ନିବେଦନ କରିଛନ୍ତି।

## ୪ ଦିନ ହେଲା ନାବାଳକ ନିଖୋଜ

କପ୍ତିପଦା, ୬।୧୨(ସମିସ): ଶରତ ଥାନା ଅଧୀନ ଶରତ ଗ୍ରାମର ସିଙ୍ଗା ସିଂ (୩୫)ଙ୍କ ପୁଅ ହିମାଂଶୁ ସିଂ (୧୧) ଗତ ୩ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତ ମିଳିନାହିଁ। ଏ ନେଇ ସିଙ୍ଗା ଶରତ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେ ଯିବାବେଳେ କଳା ଫୁଲ ପ୍ୟାଣ୍ଟ ଓ ଧଳା ବାନିୟନ ପିନ୍ଧିଥିବା ତାଙ୍କ ବାପା ପ୍ରକାଶ କରିଛନ୍ତି। ଉଚ୍ଚତା ୪ ଫଟ ୨ଇଞ୍ଚ ଓ ଗୌରବର୍ଣ୍ଣ। ଯଦି କେହି ତାଙ୍କର ସନ୍ଧାନ ପାଆନ୍ତି ତେବେ ୭୬୫୫୯୨୩୩୯୦ ନମ୍ବରରେ ଯୋଗାଯୋଗ କରିବାକୁ ତାଙ୍କ ବାପା ନିବେଦନ କରିଛନ୍ତି।

## ଏମ୍‌ପିସି କଲେଜରେ ନିର୍ବାଚନ ସାକ୍ଷରତା ଆଲୋଚନାଚକ୍ର




ବାରିପଦା, ୬।୧୨(ସମିସ): ତକତପୁରସ୍ଥିତ ମହାରାଜ ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଏମପିସି ନିର୍ବାଚନ ସାକ୍ଷରତା କ୍ଲବ ଆନୁକୂଲ୍ୟରେ ନିର୍ବାଚନ ସାକ୍ଷରତା ସମ୍ପର୍କିତ ଏକ ଆଲୋଚନାଚକ୍ର ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ସହାୟକ ଜିଲ୍ଲାପାଳ ନିହାର ରଞ୍ଜନ ନାଥ ଓ ବିଶ୍ୱନାଥ ପ୍ରଧାନ ମହାବିଦ୍ୟାଳୟରେ ନିର୍ବାଚନ ସକ୍ଷରତା କ୍ଲବର ଆବଶ୍ୟକତା ଓ ଭୋଟର ତାଲିକାର ନୂତନ ଭୋଟରଙ୍କ ନାମ ସଂଯୋଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ନୋଡାଲ ଅଫିସର ଡ. ଅରୁଣ ରାୟ ଗଣତନ୍ତ୍ର ଶାସନ ବ୍ୟବସ୍ଥାର ନିର୍ବାଚନ ଓ ମତଦାନର ମୂଲ୍ୟବୋଧ ଉପରେ ଆଲୋକପାତ କରିବା ସହିତ କ୍ଲବର ଉଦେଶ୍ୟ, କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଆଲବର୍ଟିନା ତୀର୍କୀ ଗଣତନ୍ତ୍ରକୁ ସୁଦୃଢ କରିବା ଦିଗରେ ନିର୍ବାଚନ ସକ୍ଷରତାର ଦ୍ୱାସଙ୍ଗୀ ଗତ ଓ ଉଦୟତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଲେ। ଉପଜିଲ୍ଲାପାଳ କାର୍ଯ୍ୟାଳୟର ବୈଷୟିକ ସହାୟକ କାର୍ତ୍ତିକ ପ୍ରସାଦ ଦାଶ ଓ ଚିନ୍ମୟ ଭଦ୍ର ଭୋଟର ତାଲିକାର ନୂତନ ଭୋଟରଙ୍କ ନାମ ସଂଯୋଗ ଉପରେ ଆଧାରିତ ଏକ 'ପରୀକ୍ଷଣ କାର୍ଯ୍ୟକ୍ରମ' ଉପସ୍ଥାପନ କରିଥିଲେ। କ୍ଲବର ଛାତ୍ର ପରିଷଦର ସଭାପତି ମନୋଜ ମହାନ୍ତି ଉପସଭାପତି ବୟରଞ୍ଜନ ଦତ୍ତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ସୁନିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଆସିଲାଣି ପିକନିକ ଋତୁ

# ପର୍ଯ୍ୟଟକଙ୍କ ଆକର୍ଷଣ ଡଙ୍ଗାଧର, ଧଳଧଳି ଓ ବାଙ୍କବୋଳ ନଦୀବନ୍ଧ



ବିଶୋଇ, ୬।୧୨(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘରଭାବେ ମୟୂରଭଞ୍ଜ ଜିଲ୍ଲା ପରିଚିତ। ଏହି ମାଟିକୁ ଦେବକୁଣ୍ଡ ଜଳପ୍ରପାତ, ଶିମିଳିପାଳ ଅଭୟାରଣ୍ୟ ସୌନ୍ଦର୍ଯ୍ୟର ମୁକୁଟ ପିନ୍ଧାଇଥିବା ବେଳେ ମା' କୀଚକେଶ୍ୱରୀ ଓ ମା' ଅମ୍ବିକା କ୍ଷେତ୍ର ପାଇଁ ମୟୂରଭଞ୍ଜ ମାଟି ସର୍ବଦା ପବିତ୍ର; ହେଲେ ଜିଲ୍ଲାରେ ଥିବା କେତେକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବାବେଳେ ଆଉ କେତକ ଆଢୁଆଳରେ ରହିଛି। ଶିମିଳିପାଳ ପାଦଦେଶରେ ଥିବା ବିଶୋଇ ଅଞ୍ଚଳରେ ଡ଼ଙ୍ଗାଧର, ଗେଣ୍ଡାଲୁ -ଧଳଧଳି ଓ ବାଙ୍କବୋଳ ବନ୍ଧ ବଣଭୋଜି ପାଇଁ ସମସ୍ତଙ୍କ ନଜର। ଏହିସବୁ ସ୍ଥାନଗୁଡିକ ଲୋକଲଚନକୁ ଆସିଥିଲେ ସୁଦ୍ଧା ଏବେ ବି ପ୍ରଶାସନର ଆଢୁଆଳରେ ରହିଛି। ନଙ୍ଗଳବେଣ୍ଡା ପୋଖରିଆ ପଞ୍ଚାୟତରେ ଥିବା ଡଙ୍ଗାଧର ଜଳାଶୟ ଅଞ୍ଚଳର ଅନ୍ୟତମ ପିକନିକ ସ୍ପଟଭାବେ ପରିଚିତ। ୪୯ ନମ୍ବର ଜାତୀୟ ରାଜପଥଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକରେ ୬ କିମି ଯିବା ପରେ ପନଖି ଗ୍ରାମ ପଡେ। ସେହି ଗ୍ରାମରୁ ବିଲ ଏବଂ ଜଙ୍ଗଲ ରାସ୍ତା ଦେଇ ଚାଲି ଚାଲି କିମ୍ବା ଦୁଇଚକିଆ ଗାଡିରେ ଗଲେ ଦେଖିବାକୁ ମିଳେ ଡଙ୍ଗାଧର ଜଳାଶୟ। ଆକର୍ଷଣୀୟ ଶାଳ, ପିଆଶାଳ ବୃକ୍ଷ ଏହାକୁ ଘେରି ରହିଥିବା ବେଳେ ପଥରକୁ ସ୍ପର୍ଶ କରି କାଚକେନ୍ଦୁ ପରି ସ୍ୱଚ୍ଛ ଜଳରାଶିର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରୁଛି। ବିଶେଷକରି ଏହି ସ୍ଥାନରେ ଡିସେମ୍ବର ୨୫ ଏବଂ ନୂଆବର୍ଷରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଜମେ। ହେଲେ ପାନୀୟଜଳ ଓ ପନଖି ଗ୍ରାମରୁ ଡ଼ଙ୍ଗାଧର ପର୍ଯ୍ୟନ୍ତ ଉତ୍ତମ ରାସ୍ତା ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ସେହିପରି ଅନ୍ୟତମ ପର୍ଯ୍ୟଟନସ୍ଥଳ ହେଉଛି 'ଗେଣ୍ଡାଲୁ ଓ ଧଳଧଳି'। ପନଖି ଗ୍ରାମରୁ ଏକତାଳି ଓ ଘାସିଆ ସାହି ଜଙ୍ଗଲ ରାସ୍ତା ଦେଇ ୨ କିମି ଗଲେ ଏହି ସ୍ଥାନ ପଡେ। ଧଳଧୋଳିଠାରେ ପହଞ୍ଚିବା ପରେ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇଯା'ନ୍ତି। ଏଥିରେ ପଥରଘେରା ଏକ ବିଶାଳ ଜଳାଶୟ ରହିଥିବା ବେଳେ ଏଥିରେ ରଙ୍ଗବେରଙ୍ଗ ମାଛ ଖେଳୁଥିବା ମଧ୍ୟ ନଜରକୁ ଆସେ। ଅନ୍ୟପକ୍ଷରେ ସେଠାକୁ ଚାଲିଚାଲି ଗଲେ ବରୁଆ, ବାରହା, ପାଣିଅଧ, ହରିଣ, ପେଚା ଆଦି ବିଭିନ୍ନ ଜଙ୍ଗଲୀ ଜୀବଙ୍କ ଶବ୍ଦ ମଧ୍ୟ ଶୁଣିବାକୁ ମିଳେ। ଏହି ଜଳାଶୟକୁ ଲାଗି ଏକ ପଥରଖଦା ରହିଛି। ଏହାକୁ 'ଅସୁରହାଡ଼'



କୁହାଯାଏ। ଏହା ଉପରେ ଆଉ ଏକ ନୂଆ ପର୍ଯ୍ୟଟନସ୍ଥଳୀ ରହିଛି 'ଗେଣ୍ଡାଲୁ'। ଏଠାରେ ମାନବ ଆକୃତିର ଏକ ପଥର ଓ ଗେଣ୍ଡା ଆକୃତିର ଅନେକ ପଥର ଦେଖିବାକୁ ମିଳେ। ଏହି ଅଞ୍ଚଳରେ ମଧ୍ୟ ଅନେକ ସମୟରେ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେଇ ଉତ୍ତମ ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା କଲେ ଏକ ପିକନିକ ସ୍ପଟ ହୋଇପାରନ୍ତା। ସେହିପରି ଅନ୍ୟ ଏକ ବୃହତ ପର୍ଯ୍ୟଟନ ସ୍ଥଳୀ ହୋଉଛି ବାଙ୍କବଳ ନଦୀବନ୍ଧ। ଦୀର୍ଘ ୪୦ବର୍ଷ ହେଲା ନିର୍ମାଣ ଶେଷ ହୋଇଥିଲେ ସୁଦ୍ଧା କୌଣସି ବିକାଶ ହୋଇପାରିନାହିଁ। ବିଶୋଇ ଅଞ୍ଚଳରୁ ଦୀର୍ଘ ୯ କିମି ପିଚୁ ରାସ୍ତାରେ ଗଲେ ପଡେ

#### ମୁଖ୍ୟ ସମସ୍ୟା ରାସ୍ତା ଓ ପାନୀୟ ଜଳ

ମଧୁପୁର ଛକ। ମଧୁପୁରରୁ ୧ କିମି ଭିତରକୁ ପିଚୁ ରାସ୍ତା ଦେଇ ଗଲେ ପଡେ ବାଙ୍କବଳ ବନ୍ଧ। ଏହି ବନ୍ଧରେ ରାକ୍ଷୀ ପୂର୍ଣ୍ଣିମାରେ ୩ ଦିନ ଧରି ଫୁଟବଲ ପ୍ରତିଯୋଗିତା ସାଙ୍ଗକୁ ମେଳା ବସିଥାଏ। ଜିଲ୍ଲା ସମେତ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ଅନେକ ଲୋକଙ୍କ ଭିଡ଼ ଜମାଇଥାନ୍ତି। ତେବେ ଏହା ଆଦିବାସୀଙ୍କ ପାଇଁ 'ବନ୍ଧୁମିଳନ' ପର୍ବ ହୋଇଥିବାରୁ ଏଠାରେ ବହୁ ଆଦିବାସୀଙ୍କ ମଧ୍ୟ ଭିଡ ଜମେ। ଏଠାରେ ଥିବା ଆଶ୍ରୟ ସ୍ଥଳ ପୂର୍ବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ବେଳେ ଏବେ ନିର୍ମାଣ ଚାଲିଛି। 'ବାଙ୍କବଳ ବନ୍ଧ' 'ଡଙ୍ଗାଧର' ଓ 'ଗେଣ୍ଡାଲୁ-ଧଳଧଳି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଅଧିବାସୀମାନେ ଦାବି ଜଣାଇଛନ୍ତି।

ସକାଳ
THE SAKALA
www.sakalaepaper.com
କେନ୍ଦୁଝର

# ତୁରୁମୁଙ୍ଗା ଥାନା ପରିଦର୍ଶନ କଲେ ପଶ୍ଚିମାଞ୍ଚଳ ଡିଆଇଜି

ତୁରୁମୁଙ୍ଗା,୬ା୧୨(ସମିସ)

ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଶୁକ୍ରବାର ଅପରାହ୍ନରେ ତୁରୁମୁଙ୍ଗା ଥାନା ପରିଦର୍ଶନ କରିଛନ୍ତି। ଡିଆଇଜି ଥାନା ପରିଦର୍ଶନ କରି ଥାନା ଅଧିକାରୀଙ୍କ ଠାରୁ ବିଭିନ୍ନ ମାମଲା ଉପରେ ଆଲୋଚନା କରି ଥାନା ପରିସର ବୁଲିବା ସହ ପୁଲିସ କର୍ମଚାରୀଙ୍କ ରହିବା ପାଇଁ ନିର୍ମିତ ହୋଇଥିବା ନୂତନ କୋଠାକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ଥାନା କର୍ମଚାରୀଙ୍କ ସମେତ ଆମ ପୁଲିସ ସମିତିର ସଦସ୍ୟ, ନିର୍ବାଚିତ ପ୍ରତିନିଧିଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ଅଞ୍ଚଳର ଆଇନ ଶୃଙ୍ଖଳା ସମସ୍ୟା ଉପରେ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ। ଆମ ପୁଲିସ ସମିତିର ସଦସ୍ୟ ତଥା ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ନାଏକ ୪୯ ନମ୍ବର ଜାତୀୟ ରାଜପଥ ଉପରେ ଦୁର୍ଘଟଣା ଘଟୁଥିବା ସହ ରାଜପଥର ଖିରେଇଟାଙ୍ଗିରି ଏବଂ ତୁରୁମୁଙ୍ଗା ଓ ହାତିବାରୀ ଉପରେ ବେଆଇନ୍ ପାର୍କିଂ ଏବଂ ରାଜପଥ କଡ଼ରେ ଅବାଧ ମଦ ବିକ୍ରି ସହ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଚୋରି ଲୁଟ୍ ବଢୁଥିବା ଉପରେ ଡିଆଇଜିଙ୍କୁ ଅବଗତ କରାଇଥିଲେ। ସୁରେଶ ସାହୁ ତୁରୁମୁଙ୍ଗା ଥାନାର ଉନ୍ନତିକରଣ ସହ ରାଜପଥ ଉପରେ ହମ୍ପସ ନିର୍ମାଣ ଯୋଗୁଁ ଦୁର୍ଘଟଣା ଘଟି ଅନେକ ମୂଲ୍ୟବାନ ଜୀବନ ଯାଇଥିବା ଉପରେ ଡିଆଇଜିଙ୍କୁ ଅବଗତ କରାଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ କୃଷ୍ଣଚନ୍ଦ୍ର ମହାନ୍ତ ଏବଂ ଚେମେଣା ପଞ୍ଚାୟତର ସମିତିସଭ୍ୟ ମନୋଜ କୁମାର



ମହାନ୍ତ ତୁରୁମୁଙ୍ଗା ଥାନାର ସମସ୍ୟା ସହ କର୍ମଚାରୀ ଅଭାବ ଏବଂ ଥାନାରେ ଗାଡି ଅଭାବ ଉପରେ ଡିଆଇଜିଙ୍କୁ ଅବଗତ କରାଇଥିଲେ। ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ ଅଞ୍ଚଳରେ ଅବାଧରେ ମହୁଲି ଓ ବିଦେଶୀ ମଦ ବିକ୍ରି ହେଉଥିବାରୁ ଲୋକେ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଅବାଧ ଦେଶୀ, ବିଦେଶୀ ମଦ ବିକ୍ରି ରୋକ ଲଗାଇବାକୁ ସେ ଡିଆଇଜିଙ୍କ ଅନୁରୋଧ କରିଥିଲେ। ଖୁବ୍‌ଶୀଘ୍ର ଚୋରି ଓ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ତୁରୁମୁଙ୍ଗା ବଜାରରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ଏସ୍‌ପି ନିତିନ କୁଶଲକର ଦାଗୁଡୁ କହିଥିଲେ। ଡିଆଇଜି ଶ୍ରୀ ରାୟ ଉପସ୍ଥିତ ଥିବା ଆମ ପୁଲିସ ସମିତିର ସଦସ୍ୟ ନିର୍ବାଚିତ ପ୍ରତିନିଧି ଓ ବରିଷ୍ଠ ନାଗରିକଙ୍କ ସହ ଅଞ୍ଚଳର ସମସ୍ୟା, ନୂଆ ନ୍ୟାୟ ସଂହିତା ସହ ଅନ୍ଧବିଶ୍ୱାସ ଓ ସାଇବର କ୍ରାଇମ ଉପରେ ଆଲୋଚନା କରି ଲୋକଙ୍କୁ ସଚେତନତା କରିବା ପାଇଁ ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଆଇଜିଙ୍କ ସହ କେନ୍ଦୁଝର ଏସ୍‌ପି ନିତିନ କୁଶଲକର ଦାଗୁଡୁ, ପ୍ରବେସନର ଆଇପି ଏସ୍ ରାକେଶ କୁମାର ସାହୁ, ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ତୁରୁମୁଙ୍ଗା ଥାନା ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ।

## କୃଷିର ଏକୀକୃତ ଚାଷ ପ୍ରଣାଳୀ ତାଲିମ

**ହାଟଡିହୀ/ସୋସୋ,୬ା୧୨(ସମିସ):** ହାଟଡିହୀ କୃଷି ବିଭାଗ ତରଫରୁ ଚାଷୀଙ୍କୁ ସମନ୍ୱିତ ଚାଷ ପଦ୍ଧତିରେ ଏକୀକୃତ ଚାଷ ପ୍ରଣାଳୀକୁ ନେଇ ଏକ ପ୍ରକାର ତାଲିମ ସହିତ ଚାଷ ସମ୍ବନ୍ଧୀୟ ପ୍ରୋତ୍ସାହିତ କରାଯାଇଛି। ଚଳିତବର୍ଷ ୧୭ଟି ଚାଷ ପଦ୍ଧତି ଏବେ ବିକାଶ ପ୍ରକ୍ରିୟାରେ କାର୍ଯ୍ୟ କରୁଛି ନେଇ ବିଭାଗ ପକ୍ଷରୁ ସୂଚନା ରହିଛି। ଆଜି ହାଟଡିହୀ ବ୍ଲକ କୃଷି ଅଧିକାରୀ ଡ.ଦେବୀ ପ୍ରସନ୍ନ ଖୁଣ୍ଟିଆ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ରଶ୍ମୀରଞ୍ଜନ ନାୟକ, ସହ ମତ୍ସ୍ୟ ଅଧିକାରୀ ଶୁଭମ୍ କୁମାର ପ୍ରଧାନ, ସହ କୃଷି ଅଧିକାରୀ ଭାମାଞ୍ଜରୀ ମହାନ୍ତ, ସୋନାଲି ପ୍ରିୟଦର୍ଶିନୀ, ଉଦ୍ୟାନ ପର୍ଯ୍ୟବେକ୍ଷକ ସୁକାନ୍ତି ଦାସ, ମୃତ୍ତିକା ସଂରକ୍ଷଣ ଏକ୍ସ ମଡେଲ ବିରାଜା ଶଙ୍କର ପଳତା ପ୍ରମୁଖ ହାଟଡିହୀ ବ୍ଲକର ବିଭିନ୍ନ ଚାଷ ଅଞ୍ଚଳ ପରିଦର୍ଶନ କରିଛନ୍ତି। କୃଷି ଓ ପ୍ରାଣୀ ଅଧିକାରୀ ମାନେ ଚାଷର ବିଭିନ୍ନ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିବା ସହ କୃଷକଙ୍କୁ ମାର୍ଗଦର୍ଶନ କରିଥିଲେ। କୃଷି ବିଭାଗ ଚାଷୀଙ୍କ ସ୍ୱାର୍ଥ ପାଇଁ ୪୦ରୁ ୫୦ଧ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛି। ଏଣୁ ସମନ୍ୱିତ ଚାଷ ପଦ୍ଧତିରେ ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପଶୁପାଳନ କ୍ଷେତ୍ରରୁ ଲାଭ ପାଇବାରେ ସାହାଯ୍ୟ କରିବା ସହ ଏହି ସବୁ ପଦ୍ଧତି ଗୁଡ଼ିକ ଚାଷୀଙ୍କ ଆୟରେ ଉନ୍ନତି ଆଣିପାରିବ ବୋଲି ବ୍ଲକ୍ କୃଷି ଅଧିକାରୀ ଡ.ଦେବୀପ୍ରସନ୍ନ ଖୁଣ୍ଟିଆ କହିଛନ୍ତି।

## ପାଟଣା ବଜାରରେ ତମାଖୁ ଉପରେ ଚଢ଼ଉ

ତୁରୁମୁଙ୍ଗା,୬ା୧୨(ସମିସ):କେନ୍ଦୁଝର ଜିଲ୍ଲା ପାଟଣା ବଜାରରେ ଶୁକ୍ରବାର ତମାଖୁ ଗୁଟୁଖା ବିକ୍ରି ହେଉଥିବା ଦୋକାନରେ ଅଚାନକ ଚଢ଼ଉ ହୋଇଛି। ପାଟଣା ପୁଲିସ ଓ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ ଅଧିକାରୀ ମାନେ ପାଟଣା ବଜାର ଅଞ୍ଚଳରେ ବିଭିନ୍ନ ଦୋକାନକୁ ଯାଇ ଯାଞ୍ଚ କରିଥିଲେ। ମୋଟ ୨୦ଟି ଦୋକାନରେ ଚଢ଼ଉ କରାଯାଇଥିବା ବେଳେ ଗୁଟୁଖା ଖଇନି ଆଦି ବିକୁଥିବା ୧୯ଟି ଦୋକାନୀଙ୍କୁ ୧ଶହ ଟଙ୍କା ଲେଖାଏଁ ଜରିମାନା କରାଯାଇଥିଲା। ଗୁଟୁଖା ଓ ତମାଖୁ ଜାତୀୟ ଦ୍ରବ୍ୟ ଠାରୁ ଦୂରେଇ ରହିଲେ ମାରାଳକ ରୋଗ ଠାରୁ ରକ୍ଷା ମିଳିବ ବୋଲି କହିଥିଲେ। ଚଢ଼ଉରେ ଏଏସ୍‌ଆଇ ଧନେଶ୍ୱର ପାତ୍ର, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଶୁଭେନ୍ଦୁ ସାଗର କୁମାର ନାଏକ, ଡା. ଅଭିଷେକ ସାହୁ, ଡା. ଚମ୍ପକ ବେହେରା, ପିଏଚଇ ଓ ସରୋଜିନୀ ସେଠୀ ପ୍ରମୁଖଙ୍କ ସହିତ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ଶିକ୍ଷକ ନଆସିବାରୁ ଶାଳଣିଆଁ ସ୍କୁଲରେ ଉତ୍ତେଜନା



**ହାଟଡିହୀ,୬ା୧୨(ସମିସ):** ଶିକ୍ଷକ ନଆସିବାକୁ ନେଇ ଶାଳଣିଆଁ ସ୍କୁଲରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟାଳୟରେ ୮ଟି ଶ୍ରେଣୀ ଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ? ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୮ଟି ଶ୍ରେଣୀ ପାଇଁ ୪ଜଣ ଶିକ୍ଷକ ନିଯୁକ୍ତି ଥିବା ବେଳେ ଆବଶ୍ୟକ ଶିକ୍ଷକ ନଥିବାରୁ ଠିକ୍ ଭାବେ ଶିକ୍ଷାଦାନ ହୋଇ ପାରେନି। ଏପରି ସ୍ଥଳେ ଅଧିକାଂଶ ସମୟରେ ଜଣେ ଦୁଇଜଣ ଶିକ୍ଷକ ସ୍କୁଲ ଆସିନଥାନ୍ତି। ଫଳରେ ଶିକ୍ଷାଦାନ ହୋଇ ପାରେନି। ଆଜି ମାତ୍ର ଦୁଇଜଣ ଶିକ୍ଷକ ଆସିଥିବା ବେଳେ ପ୍ରାର୍ଥନା ପରେ ଶିକ୍ଷାଦାନ ନ ହେବାରୁ ଛାତ୍ରଛାତ୍ରୀବାହାରେ ବୁଲିଥିଲେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଭାବକମାନେ ସ୍କୁଲକୁ ଆସି ବୁଝିବାରୁ ବୁଧବାର ଦିନ ୩ଜଣ ଅନୁପସ୍ଥିତ ଥିବା, ଗୁରୁବାର ୨ଜଣ ଓ ଆଜି ୨ଜଣ ଶିକ୍ଷକ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ବାରମ୍ବାର ଶିକ୍ଷକ ଅନୁପସ୍ଥିତ ଯୋଗୁଁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେଉଛି ବୋଲି ଅଭିଭାବକ ମାନେ ଅଭିଯୋଗ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପେରେଇଙ୍କୁ ପଚାରିବାରେସେକହିଛନ୍ତିଯେଶିକ୍ଷକମାନେ ବିନା ଛୁଟିରେ ଅନୁପସ୍ଥିତ ରହୁଛନ୍ତି। ମୁଁ କ'ଣ କରିପାରିବି ବୋଲି କହିଛନ୍ତି।

ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଚମ୍ପୁଆ ଥାନା ପରିଦର୍ଶନ

## ପୁଲିସ କର୍ମଚାରୀଙ୍କୁ ଓଜନ କମାଇବାକୁ ପରାମର୍ଶ



**ଚମ୍ପୁଆ, ୬ା୧୨ (ସମିସ):** ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ଆଜି ଚମ୍ପୁଆ ଥାନା ପରିଦର୍ଶନ କରିବା ସହିତ ଗଣମାଧ୍ୟମ ପ୍ରତିନିଧି, ସ୍ଥାନିୟ ବୁଦ୍ଧିଜୀବୀ, ଆମ ପୁଲିସ ସମିତିର ସଦସ୍ୟଙ୍କ ସହ ଚମ୍ପୁଆ ଥାନାର କାର୍ଯ୍ୟଶୈଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ କେନ୍ଦୁଝର ଏସ୍‌ପି ନିତିନ କୁସଲକର, ପ୍ରବେଶନର ଆଇପିଏସ୍ ରାକେଶ ସାହୁ ପ୍ରମୁଖ ଏହି ପରିଦର୍ଶନରେ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଡିଆଇଜି ଶ୍ରୀ ରାଏ ଦିନ ୨ ଘଟିକାରେ ଚମ୍ପୁଆ ଥାନାରେ ପହଞ୍ଚିବା ସହିତ ଥାନାରେ ଆନୁସାଙ୍ଗିକ ବ୍ୟବସ୍ଥାକୁ ତର୍ଜମା କରିଥିଲେ। ବିଶେଷ ଭାବରେ ପୁଲିସ କର୍ମଚାରୀଙ୍କ ବଢୁଥିବା ଓଜନ ସମ୍ବନ୍ଧରେ ପରାମର୍ଶ ଦେବା ସହିତ ପୁଲିସ ବ୍ୟବହାର କରୁଥିବା ଯାନବାହନ ଆଦି ଦେଖିଥିଲେ। ପରେ ଥାନା ପରିସରରେ ଗଣମାଧ୍ୟମ ପ୍ରତିନିଧି, ଆମ ପୁଲିସ ସମିତିର ସଦସ୍ୟ, ସ୍ଥାନିୟ ପଞ୍ଚାୟତର ସରପଞ୍ଚ, କାଉନସିଲର ଏବଂ ବୁଦ୍ଧିଜୀବୀମାନଙ୍କ ସହ ଅଧଘଣ୍ଟାଏ ଧରି ସ୍ଥାନୀୟ ସମସ୍ୟା, ପୁଲିସର କାର୍ଯ୍ୟଶୈଳି, ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧି ପକ୍ଷରୁ ଚମ୍ପୁଆ ବ୍ଲକ ତଥା ବାରିଆ ଥାନା ଅଧୀନରେ ଥିବା ଭଣ୍ଡାଠାରେ ଏକ ପୁଲିସ ଫାଣ୍ଡି ନିର୍ମାଣ, ଟାଉନ ଆଉଟପୋଷ୍ଟ ଏବଂ ମୁଖ୍ୟ ବଜାରରେ ଲାଗୁଥିବା ନୋଏଣ୍ଟ୍ରିର ସମୟ ବୃଦ୍ଧି କରିବାକୁ ଅନୁରୋଧ କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ମାନେ ଉପୁଜୁ ଥିବା ସମସ୍ୟାର ସମାଧାନ ନିମନ୍ତେ କେନ୍ଦୁଝର ଏସପିଙ୍କ ସହ ଯୋଗାଯୋଗରେ ରହିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ ଓ ଚମ୍ପୁଆ ଥାନାର ଆଇଆଇସି ଅବିନାଶ ପରିଡା ପ୍ରମୁଖ ସହାୟତା କରିଥିଲେ।

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ




**ହାଟଡିହୀ/ସୋସୋ,୬ା୧୨(ସମିସ):** ନନ୍ଦିପଦା ସ୍ଥିତ ମୁକୁନ୍ଦ ଚରଣ ବିଦ୍ୟାପୀଠ ଠାରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତର୍କ, କଣ୍ଠ ସଂଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣଜ୍ଞାନ, କୁଇଜ୍ ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ତର୍କରେ ସ୍ୱସ୍ତିକ ଶୁଭଙ୍କର ସ୍ୱାଇଁ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କଣ୍ଠ ସଙ୍ଗୀତରେ ଗାୟତ୍ରୀ ନାୟକ, ଚିତ୍ରାଙ୍କନରେ ଆରପି. ସାଇସ୍ମିତା ବେହେରା, ଆବୃତ୍ତିରେ ସୌମ୍ୟ ପ୍ରକାଶ ନାୟକ, ଗଳ୍ପ ଲିଖନରେ ମଞ୍ଜୁଲତା ବାରିକ, କବିତା ରଚନାରେ ସୌଭାଗ୍ୟ ରଞ୍ଜନ ନାଥ, ଏକକ ଅଭିନୟରେ ବିଶ୍ୱଶ୍ରୀ ବେହେରା, ଏକକ ନୃତ୍ୟରେ ଅରୁପ ବେହେରା, ସାଧାରଣଜ୍ଞାନରେ ସୁଶାନ୍ତ ମହାନ୍ତି, କୁଇଜ୍‌ରେ ଧିରେନ ବାରିକ ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ଓଁକାର ଅନ୍ୱେଷ, ମୁଖ୍ୟବକ୍ତା ଭାବେ ଓଷ୍ଟାର ଜିଲ୍ଲା ସଭାପତି ରଘୁନାଥ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ କୁମାର ନାୟକ, ଓଷ୍ଟାର ସହ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ ହଜାରୀ, ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଓଷ୍ଟାର ଉପଦେଷ୍ଟା ଶାନ୍ତନୁ ମିଶ୍ର, ଚିନ୍ତାମଣି ଜେନା, ପୂର୍ବତନ ସମ୍ପାଦକ କାହ୍ନୁ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନରଞ୍ଜନ ଦେଓ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନିରାକାର ମହାପାତ୍ର, ଜିଲ୍ଲା ସମ୍ପାଦକ ପ୍ରସନ୍ନ ବେହେରା, ଓଷ୍ଟାର ବ୍ଲକ ସମ୍ପାଦକ ଶିଶିର କୁମାର ବିଶ୍ୱାଳ, ଓଷ୍ଟାର ବ୍ଲକ ସଭାପତି ନବଘନ ନାୟକ ବ୍ଲକ ସମ୍ପାଦକ (ଏନପିଏସ) ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶର୍ମିଷ୍ଠା ମହାନ୍ତି, ସୌମ୍ୟାଶ୍ରୀ ସ୍ୱାଇଁ ଜୟଶ୍ରୀ ମିଶ୍ର, ଅନୁସୂୟା ପାତ୍ର, ପ୍ରୀତିଲତା ସେଠୀ, ଶିକ୍ଷକ ଅନିରୁଦ୍ଧ ସେଠୀ, ନରେନ୍ଦ୍ର ପ୍ରସାଦ ବେହେରା, ପାଣ୍ଡବ ସାହୁ, ଦେବାଶିଷ ବେହେରା, ଶଶିକାନ୍ତ ଜେନା, ଜଗବନ୍ଧୁ ପଲେଇ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଧାଂଶୁ ବିଶ୍ୱାଳ, ମୋହନ ମହାନ୍ତି, ସତ୍ୟପୀର ମହାନ୍ତି, ଘନଶ୍ୟାମ ଓଝା, ପରମାନନ୍ଦ ପରିଡା, ପ୍ରମୋଦ ବେହେରା, ଜନ୍ମେଞ୍ଜୟ ଜେନା, ସତ୍ୟବ୍ରତ ସାମଲଙ୍କ ସମେତ ଓଷ୍ଟାସଂଘର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। କୃତି ପ୍ରତିଯୋଗୀ ମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ଭାଗନେବେ।

## ନିଆଁରେ ପୋଡ଼ି ହୋଇଥିବା ବୃଦ୍ଧାଙ୍କ ମୃତ୍ୟୁ

**ତୁରୁମୁଙ୍ଗା,୬ା୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା କେନ୍ଦୁଯୋଡା ଗ୍ରାମର ଜଣେ ୮୦ ବର୍ଷର ବୃଦ୍ଧା କାଳୀ ମହାନ୍ତ ନିଆଁରେ ପଡି ହୋଇ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ତେବେ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗତ ନଭେମ୍ବର ୨୮ ତାରିଖ ଭୋରରୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସେ ନିଆଁ ଜାଳି ପୋଇଁ ହେଉଥିଲେ। ଅସାବଧାନତା ବଶତଃ ତାଙ୍କ ଲୁଗାରେ ନିଆଁ ଲାଗି ଦେହରେ ନିଆଁ ଲାଗିଯାଇଥିଲା। ତାଙ୍କ ପିଉସୀ ପୁଅ ପହଞ୍ଚି ସାହସର ସହ ନିଆଁ ଲିଭାଇ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପାଟଣା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାଳିଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ପାଟଣା ପୁଲିସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏଏସ୍‌ଆଇ ଗୌରହରି ଗରଡିଆ କହିଛନ୍ତି। ଏ ନେଇ ପାଟଣା ଥାନାରେ ୭୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜାବିନପୁର ସ୍କୁଲରେ ପୋଷାକ ବିତରଣ

ହାଟଡିହୀ,୬ା୧୨(ସମିସ): ହାଟଡିହୀ ବ୍ଲକ ଜାବିନପୁର ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ମହିଳା ସଭାନେତ୍ରୀ ଦେବକୀ ନାୟକ, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ ଯୋଗଦେଇ ୮୦ଜଣ ଛାତ୍ରଛାତ୍ରୀଙ୍କୁ ଦୁଇହଳ ଲେଖାଏଁ ପୋଷାକ ବଣ୍ଟନ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ପ୍ରତିମା ଖଟୁଆ, ଶିକ୍ଷକ ପ୍ରକାଶ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ବିଜେପିର ଗୋଷ୍ଠୀ କନ୍ଦଳ

## ଜଣଙ୍କୁ ଉଠାଇ ନେଲା ପୁଲିସ୍

ତେଲକୋଇ,୬ା୧୨(ସମିସ): ତେଲକୋଇ ବିଜେପିର ଦୁଇଗୋଷ୍ଠୀଙ୍କ ମଧ୍ୟରେ କନ୍ଦଳ ଯୋଗୁଁ ଅନ୍ୟ ଗୋଷ୍ଠୀର ଯୁବକଙ୍କୁ ପୁଲିସ ଉଠାଇ ନେଇଛି। ଫଳରେ ବିଜେପିରେ ଥିବା ଗୋଷ୍ଠୀ କନ୍ଦଳ ପଦାକୁ ଆସିଛି। ସୂଚନା ଅନୁଯାୟୀ ଆଜି ତେଲକୋଇ ବ୍ଲକରେ ନୂତନ ବିଡିଓ ଯୋଗଦାନ କରିଥିବା ବେଳେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ପାଇଁ ବିଜେପିର କର୍ମୀମାନେ ଯାଇଥିଲେ। ସାଂସଦ ଗୋଷ୍ଠୀ ଓ ବିଧାୟକ ଗୋଷ୍ଠୀ ମଧ୍ୟରେ ଆଗରୁ ଛକାପଞ୍ଝା ଲାଗି ରହିଥିବା ବେଳେ ଆଜି ସେଠାରେ ଦୁଇଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସାଂସଦ ଗୋଷ୍ଠୀଙ୍କ ଇସାରାରେ ବିଧାୟକ ଗୋଷ୍ଠୀର ବାପୁନ ସାହୁଙ୍କୁ ପୁଲିସ ବ୍ଲକ କାର୍ଯ୍ୟାଳୟ ସାମ୍ନାରୁ ଉଠାଇ ନେଇଥିଲା। ଏଭଳି ଦୃଶ୍ୟ ଆଜି ସନ୍ଧ୍ୟା ସମୟରେ ଦେଖିବାକୁ ମିଳିଥିଲା। ଯାହା ବିଜେପିରେ ଅନ୍ତଃକନ୍ଦଳକୁ ପଦାରେ ପକାଇଦେଇଛି।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**କେନ୍ଦୁଝର,୬ା୧୨(ସମିସ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନନ୍ଦ, ପ୍ରଶାନ୍ତ ଦାସ, ବିଶ୍ୱଜିତ ବାରିକ, ପ୍ରିୟବ୍ରତ ସାହୁ, ଅଧ୍ୟାପିକା ମାମାଶ୍ରୀ ଦେହୁରୀ, ସୃଷ୍ଟି ଅନୁଭୂତି ପରିଡାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ସଭାପତିତ୍ୱ କରି ଛାତ୍ରଛାତ୍ରୀ ମାନଙ୍କୁ ଏଡ୍‌ସ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠିତ ସଭାରେ ଉପଦେଷ୍ଟା ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନନ୍ଦ, ଶୁଭେନ୍ଦୁ କୁମାର ସାହୁ ଏବଂ ଅଧ୍ୟାପିକା ଅନୁପମା ମହାପାତ୍ର ଏଡ୍‌ସ ନିରାକରଣ ଓ ସଚେତନତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅମରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁମନ୍ଦିରରେ ଖେଳକୁଦ ସମାରୋହ

**ଆନନ୍ଦପୁର,୬ା୧୨(ସମିସ):** ଆନନ୍ଦପୁର ପୌରାଞ୍ଚଳର ମୁରାବାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୩୬ ତମ ଖେଳକୁଦ ସମାରୋହ ଉଦଘାଟିତ ହୋଇଅଛି।ଆନନ୍ଦପୁର ଉପଖଣ୍ଡର ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ମଦନ ମୋହନ ରାଉତ ଏବଂ ସହ ସଂପାଦକ ଯଦୁମଣୀ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିଦ୍ୟାଳୟର ଶାରିରୀକ ପ୍ରମୁଖ ରମେଶ ଚନ୍ଦ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ସରସ୍ୱତୀ ସାହୁ, ଚନ୍ଦ୍ରିକା ଦିକ୍ଷିତ, ନିର୍ମଳା ରାଉତ, ନମିତା ମିଶ୍ର, ସବିତାରାଣୀ ପାଢି, ସବିତାରାଣୀ ରାଉତ, ଉଷାରାଣୀ ରାଉତ, ପ୍ରତିଭାମୟୀ ଶତପଥୀ, ପ୍ରତିମା, ନିରୁପମା ମହାରଣା, ମନୋରମା ମହାପାତ୍ର, ସସ୍ମିତାରାଣୀ ପତି, ପ୍ରମୋଦିନୀ ଓଝା, ଗୁରୁଜୀ ଭାନୁଦେବ ସାହୁ, ଦୟାନନ୍ଦ ସାହୁ, ଦେବେନ୍ଦ୍ର କୁମାର ମିଶ୍ର, ଭାଗୀରଥି ରାଉତ ଏବଂ ତପନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପିଇଓଙ୍କୁ ଜିଲ୍ଲାପାଳଙ୍କ କାରଣଦର୍ଶାଅ ନୋଟିସ୍

**ଯୋଡ଼ା,୬ା୧୨(ସମିସ):** ଯୋଡ଼ା ପଞ୍ଚାୟତ ସମିତିର ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଳସୀରାମ ମହାନ୍ତଙ୍କୁ ଜିଲ୍ଲାପାଳଙ୍କ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଦୁର୍ନୀତି, ଅନିୟମିତତା, ଅନୈତିକ କାରବାର ଭଳି ସଙ୍ଗିନ ଅଭିଯୋଗରେ ଉବୁଟୁବୁ ହେଉଥିବା ସଂପୃକ୍ତ ପିଇଓ ୭ ଦିନ ମଧ୍ୟରେ ନୋଟିସ୍‌ର ଉତ୍ତର ନ ଦେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି। ସଂପୃକ୍ତି ପିଇଓଙ୍କ ନାମରେ ନାମରେ ମାଳମାଳ ଅଭିଯୋଗ ରହିଥିଲେ ମଧ୍ୟ କେବଳ କାରଣ ବିଡିଓଙ୍କ ଦର୍ଶାଇ ନୋଟିସ୍‌ରେ କାର୍ଯ୍ୟାନୁଷ୍ଠାନ ଅଟକି ରହିଛି। ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ଅନୁସାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଳସୀରାମ ମହାନ୍ତଙ୍କୁ ପୂର୍ବରୁ ବ୍ଲକ ପକ୍ଷରୁ ବାରମ୍ବାର ନୋଟିସ୍ କରାଯାଉଥିଲେ ମଧ୍ୟ ସେ ତାର ଉତ୍ତର ଦେଉନଥିଲେ। ତାଙ୍କ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଥିବା ବେଳେ ସେ ଦାୟିତ୍ୱରେ ଥିବା ସେରେଣ୍ଡା ଓ ଭୂୟାଁରୋଇଡା ଗ୍ରାମପଞ୍ଚାୟତର ଦାୟିତ୍ୱ ନବନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଧାକାନ୍ତ ବେହେରାଙ୍କୁ ହସ୍ତାନ୍ତର କରିନାହାନ୍ତି। ସେହିପରି ଭୂୟାଁରୋଇଡା ଗ୍ରାମପଞ୍ଚାୟତର ପେନ୍‌ସନ ହେଡରେ ହିତାଧିକାରୀଙ୍କ ଭତ୍ତା ଅର୍ଥରୁ ୭୮,୮୧୦ ଟଙ୍କା ଜମା କରିବା ଏବଂ ସେରେଣ୍ଡା ଗ୍ରାମପଞ୍ଚାୟତର ଗ୍ରାମପଞ୍ଚାୟତ ଫଣ୍ଡର ୩୪,୬୨୦ ଟଙ୍କା, ଯାହା ତାଙ୍କର କାର୍ଯ୍ୟାକାଳ ମଧ୍ୟରେ ନଗଦ ରାଶି ଆକାରରେ ପଞ୍ଚାୟତରୁ ଦିଆଯାଇଥିଲା ତାହା ଫେରସ୍ତ କରିବାରେ ସେ ବିଫଳ ହୋଇଛନ୍ତି। ଅନ୍ୟ ଏକ ନୋଟିସ୍‌ରେ ସେ ୫୨,୭୨୯ ଟଙ୍କା ଆସିଷ୍ଟାଣ୍ଟ ଏକ୍‌ଜାମିନର କମ୍ ଡିଷ୍ଟିକ ଅଡିଟ୍ ଅଫିସର ଭାବେ ଭରଣ କରିନାହାନ୍ତି। ସେ ଭୂୟାଁରୋଇଡ଼ା ପଞ୍ଚାୟତରେ ପିଇଓ ଥିବା ବେଳେ ସାଧାରଣ ବଣ୍ଟନ ପ୍ରକ୍ରିୟାରେ ଷ୍ଟକର ଆକାଉଣ୍ଟ, ସାର୍ଟିଫାଇଡ ଷ୍ଟକ ରେଜିଷ୍ଟର ଏବଂ କ୍ୟାସ ବୁକ୍ ବାଧ୍ୟତା ମୂଳକ ଭାବେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଇ-ପିଓଏସ୍ ଡିଭାଇସ ମାଧ୍ୟମରେ ସମସ୍ତ ପଡି ଚାଉଳକୁ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏଥିରେ କାରଣ ଦର୍ଶାଇ ନୋଟିସ୍ ଜାରି କରାଯାଇଥିବା ବେଳେ ଏହି ଅବହେଳାର ମଧ୍ୟ କୌଣସି ସଠିକ୍ ଉତ୍ତର ଦେଇପାରିନଥିଲେ। ସେହିପରି ପିଡିଏସ୍ ଚାଉଳର କୌଣସି ହିସାବ ମିଳିନଥିବା ବେଳେ ୪୨ଟି ରାସନ କାର୍ଡରେ ଅଫଲାଇନ ବ୍ୟବସ୍ଥାରେ ଏହା ବଣ୍ଟନ କରାଯାଇଥିବା ଭଳି ଅନିୟମିତତା ଦେଖିବାକୁ ମିଳିଥିଲା। ତାହାର ମଧ୍ୟ କୌଣସି ସଠିକ୍ ଜବାବ ସେ ଦେଇପାରିନଥିଲେ। ଗୁଆଲି ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରୀ ମହାନ୍ତଙ୍କର ଏକ ଅଶ୍ଳୀଳ ଭିଡିଓ ସରକାରୀ ପିଡିଏସ୍‌ହ୍ୱାଟ୍ସଅପଗ୍ରୁପରେପ୍ରସାରିତହେବାପରେଏହାସମସ୍ତଙ୍କୁ ଲଜ୍ଜିତ କରିଥିଲା। ଫଳରେ ଏ ନେଇ ବିଡିଓ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ମଧ୍ୟ ତାହାର ବି ସେ ଉତ୍ତର ଦେଇନାହାନ୍ତି। ବାରମ୍ବାର ଛୁଟି ଦରଖାସ୍ତ ଦେଇ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ତେଣୁ ଏ ନେଇ ଜିଲ୍ଲାପାଳଙ୍କ ପକ୍ଷରୁ ଅନ୍ୟ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ୭ଦିନ ମଧ୍ୟରେ ଏହାର ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

**ବାରମ୍ବାର ନୋଟିସ୍‌କୁ ବେଖାତିର କରୁଛନ୍ତି ପିଇଓ**

# କୃଷି ଗଣନା ସର୍ଭେ ସମ୍ପର୍କିତ ତାଲିମ

କେନ୍ଦୁଝର,୬ା୧୨(ସମିସ)



ଜିଲ୍ଲାସ୍ତରୀୟ ୧୧ତମ କୃଷି ଗଣନାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସର୍ଭେ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ କେନ୍ଦୁଝରସ୍ଥ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୨୦୨୧-୨୨କୁ ସୂଚୀତ ବର୍ଷ ନେଇ ଏହାର ପ୍ରଥମ ପର୍ଯ୍ୟାୟ ଗଣନା ଜିଲ୍ଲାର ସମସ୍ତ ୧୩ ତହସିଲର ୨୧୩୨ ନମୂନା ଗ୍ରାମରେ ସର୍ଭେ ସରିଛି। ବର୍ତ୍ତମାନ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସର୍ଭେରେ ସମସ୍ତ ତହସିଲ୍ ଅନ୍ତର୍ଗତ ୪୧୭ ନମୂନା ଗ୍ରାମରେ ଭୂମିଯୋତ ସମ୍ପର୍କିତ ପ୍ରଜାସ୍ୱତ୍ୱ, ଭୂମି ବିନିଯୋଗ, ଜଳସେଚନ ସ୍ଥିତି, କୃଷି ଢାଞ୍ଚା, ବିକ୍ଷିପ୍ତ ଭାବେ ଚାଷ ହେଉଥିବା ବିଭିନ୍ନ ଆକାରର ଭୂମିଯୋତ ଓ ଚାଷୀଙ୍କ ସାମାଜିକ ଗୋଷ୍ଠୀ ସମ୍ବଳିତ ତଥ୍ୟ ସଂଗ୍ରହ କରାଯିବ। ପ୍ରଥମ ଦିନ ଆନନ୍ଦପୁର, ବାଂସପାଳ, ଚମ୍ପୁଆ, ଘଟଗାଁ, ହାଟଡିହୀ, ପାଟଣା ଓ ସାହରପଡା ତହସିଲର ୫୪ ଜଣ ଗଣନାକାରୀ ଓ ସୁପରଭାଇଜର ଏବଂ ଦ୍ୱିତୀୟ ଦିନ ବଡବିଲ,ଝୁମ୍ପୁରା, ଘଷିପୁରା, କେନ୍ଦୁଝର ସଦର, ହରିଚନ୍ଦନପୁର ଓ ତେଲକୋଇ ତହସିଲର ୫୪ ଜଣ ଗଣନାକାରୀ ଓ ସୁପରଭାଇଜର ଏହିପରି ସର୍ବମୋଟ ୧୦୮ ଜଣଙ୍କୁ ତାଲିମ ଦିଆଯାଇଛି। ଏହି ସର୍ଭେରେ ତହସିଲକୁ ଏକକ ଭାବେ ନେଇ ହେଉଛି। ଏହି ତାଲିମ କର୍ଯ୍ୟରେ ଜିଲ୍ଲାର ସମସ୍ତ ତହସିଲର ନିର୍ଦ୍ଦିଷ୍ଟ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ, କୃଷି ଓଭରସିୟର, ଭିଏଡବ୍ଲୁ, ପରିସଂଖ୍ୟାନ କ୍ଷେତ୍ର ନୀରୀକ୍ଷକ, ସର୍ଭେୟର, ପରିସଂଖ୍ୟାନ ଅଧିକାରୀ, ବରିଷ୍ଠ ଆର୍ଥନୀତି ଅନୁସନ୍ଧାନକାରୀ, ନୀରୀକ୍ଷକ ଯୋଗ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ନୋଡାଲ ଅଧିକାରୀ ଭାବେ ଓଡିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ସରୋଜ ମୋହନ ପଣ୍ଡା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା, ସହକାରୀ କୃଷି ଅଧିକାରୀ ସୁମନସ୍ମିତା ତରାଇ ଯୋଗ ଦେଇ ସମସ୍ତ ତାଲିମ ଗ୍ରହଣ କାରିଙ୍କୁ ଏହି ତାଲିମ ନେଇ ଫିଲ୍ଡରେ ଗାଇଡ୍‌ଲାଇନ ଅନୁଯାୟୀ ସଠିକ୍ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେବା ସହ ଭାରତ ସରକାରଙ୍କ ଏହି ମହତ କାର୍ଯ୍ୟରେ ସହଯୋଗ କରିବାକୁ କହିଥିଲେ। ମାଷ୍ଟର ଟ୍ରେନର ଭାବେ ପରିସଂଖ୍ୟାନ ଅଧିକାରି ପବିତ୍ର ମୋହନ ନାୟକ, ଚନ୍ଦ୍ରମୋହନ ସିଂହ ଓ ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା ପରିଚାଳନା କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଜୟରାମ ଟୁଡୁ, ଅନୁପମା ପାତ୍ର, କନିଷ୍ଠ ସହାୟକ ରୁଦ୍ର ରଞ୍ଜିତ ମଲ୍ଲିକ, ବିଷ୍ଣୁପ୍ରିୟା ଓଝା, ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଅସିମ୍ ଅମିତାଭ ମହାନ୍ତି, ପପିନା ମଲ୍ଲିକ ଏବଂ ସମସ୍ତ କର୍ମଚାରୀ ସଯୋଗ କରିଥିଲେ।

## ମହୁମାଛି ଆକ୍ରମଣରେ ୩ ଗୁରୁତର

**ବାଲିବନ୍ଧ,୬।୧୨(ସମିସ):** ଝୁମ୍ପୁରା ଥାନା ଅଞ୍ଚଳରେ ଶୁକ୍ରବାର ମହୁମାଛି ଆକ୍ରମଣରେ ୩ଜଣ ଗୁରୁତର ହୋଇଥିବା ଜଣାପଡିଛି। ତେବେ ବାଲିବନ୍ଧ ପଞ୍ଚାୟତ କାଶିପାଳ ଗ୍ରାମର ଭଗବାନ ମହାନ୍ତଙ୍କ ସ୍ତ୍ରୀ ସୀମା ମହାନ୍ତ (୩୪) ଏବଂ ମହରଗା ଗିରିଙ୍କ ପୁଅ ସଞ୍ଜୟ କୁମାର ଗିରି (୩୭)ଙ୍କ ମୁହଁ, ହାତ, ଦେହ ଓ ମୁଣ୍ଡରେ ମହୁମାଛି ଆକ୍ରମଣ କରିଥିବାରୁ ସେମାନେ ଆହତ ହୋଇ ଝୁମ୍ପୁରା ଡାକ୍ତରଖାନରେ ଭର୍ତ୍ତି ହୋଇଛନ୍ତି। ତେଣେ ସୀମା ମହାନ୍ତ ବନ୍ଧରେ ଗାଧେଇ ସାରି ଘରକୁ ଫେରୁଥିବା ବେଳେ ମହୁମାଛି ଆକ୍ରମଣ କରିଥିଲେ। ସେହି ରାସ୍ତା ଦେଇ ନିଜ ବାଇକ ଯୋଗେ କୌଣସି ଏକ କାମରେ ଯାଉଥିବା ବେଳେ ମହୁମାଛି ସଞ୍ଜୟକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସେହିପରି ଖୁଣ୍ଟାପଡା ପଞ୍ଚାୟତ ବାରଖଣ୍ଡିଆ ଗ୍ରାମର ନାଥ ସାହୁ (୬୨) ଙ୍କୁ ମଧ ମହୁମାଛି ଆକ୍ରମଣ କରିଥିବାରୁ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଝୁମ୍ପୁରା ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ତେବେ ନାଥ ସାହୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ସୋସୋ ପଞ୍ଚାୟତରେ ବିହନ ବିତରଣ



**ସୋସୋ/ହାଟଡିହୀ,୬।୧୨(ସମିସ):** ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତରେ ମରଚାଇପଦା ଗ୍ରାମର ଆଗ୍ରହୀ ଚାଷୀଙ୍କୁ ଡାଲିଜାତୀୟ ବିହନ ତଥା ମୁଗ, ବିରି, ଶୋଲା ସହ ସୋରିଷ ଆଦି କିସମର ବିହନ ବିତରଣ କରାଯାଇଛି। ସୋସୋ ପଞ୍ଚାୟତ ସଭାଗୃହରେ ହାଟଡ଼ିହୀ ବ୍ଲକ୍ ସଂଯୋଜକ ତନ୍ମୟ ଚାନ୍ଦ, ହାଟଡିହୀ ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ କାବେରୀ ପାତ୍ର ଉପସ୍ଥିତ ଚାଷୀଙ୍କୁ ଉକ୍ତ ଚାଷ ସମ୍ବନ୍ଧରେ ବିସ୍ତୃତ ସୂଚନା ଦେବା ସହିତ ଖାଲି ପଡ଼ିଥିବା ପଡ଼ିଆ ଜମିରେ ଏସବୁ କିସମର ବିହନ କିଭଳି ଚାଷ କରାଯିବ ସେ ସମ୍ବନ୍ଧରେ ଅବଗତ କରାଇ ବିହନ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଉପସ୍ଥିତ ଥିବାବେଳେ ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ ଓ କୃଷିବିଭାଗ କର୍ମଚାରୀ ରୁଦ୍ରପ୍ରତାପ ରାଉତ ଏହାକୁ ପରିଚାଳନା କରିଥିଲେ। ବିଭାଗ ପକ୍ଷରୁ ବିନୋଦ ପହି, ହରେକୃଷ୍ଣ ପହି, ଖଜନ ବାରିକ, ବାବନ ଦୋରା, ଟୁବୁଲା ରାଉତ, କାବୁଲା ପହି, ହୁର ନାୟକଙ୍କ ସହ ଉପସ୍ଥିତ ଅନ୍ୟ ଚାଷୀଙ୍କୁ ବିହନ ପ୍ରଦାନ କରାଯାଇଥିଲା। ଏହାଛଡ଼ା ଏସବୁ ବିହନକୁ ନେଇ ଚାଷ କରିବାକୁ ଇଚ୍ଛୁକ ଥିବା ଚାଷୀମାନେ ସିଧାସଳଖ କୃଷି କାର୍ଯ୍ୟାଳୟ ସହ ଯୋଗାଯୋଗ କରି ବିହନ ଆଣିପାରିବେ ବୋଲି କୃଷକସାଥି ରାଧାମଣୀ ମଲ୍ଲିକ କହିଛନ୍ତି।

## ନୂତନ ବିଡିଓଙ୍କ ଯୋଗଦାନ



ତେଲକୋଇ,୬।୧୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ନୂତନ ବିଡିଓ ଭାବେ ପୂର୍ଣ୍ଣଚନ୍ଦ୍ର ନାଏକ ଆଜି ଯୋଗଦାନ କରିଛନ୍ତି। ଶ୍ରୀ ନାଏକ ପୂର୍ବରୁ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଥିଲେ। ତେବେ ତେଲକୋଇ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଶ୍ରୀ ନାଏକ ପ୍ରକାଶ କରିଥିଲେ। ଏହି ଯୋଗଦାନ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ତଥା ବ୍ଲକ ବିଜେପି ପକ୍ଷରୁ ସାଂସଦ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁଙ୍କ ସମେତ ବହୁ କର୍ମୀ ମାନେ ସାମିଲ ରହି ସ୍ୱାଗତ ଜଣାଇଥିଲେ।

## ପୂର୍ବତନ କାଉନସିଲରଙ୍କ ସ୍ମୃତିସଭା



**ଆନନ୍ଦପୁର,୬।୧୨(ସମିସ):** ଆନନ୍ଦପୁର ୭ନଂ ୱାର୍ଡ ନିବାସୀ ତଥା ପୂର୍ବତନ କାଉନସିଲର ଶଶିରଞ୍ଜନ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଟ୍ଟନାୟକ ପରିବାର ପକ୍ଷରୁ ମାଳିସାହି ସ୍ଥିତ ହ୍ୱାଇଟି ପ୍ୟାଲେସ୍ ଠାରେ ଆୟୋଜିତ ସ୍ମୃତିସଭାରେ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପରିବାର ପକ୍ଷରୁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଶିଳ୍ପଦ୍ୟୋଗି ତାରାରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ଫାଲକନ୍ ମେରାଇନ୍ ପରିଚାଳନା ନିର୍ଦ୍ଦେଶକ ପ୍ରଭାରଞ୍ଜନ ପଟ୍ଟନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଚତୁର୍ଭୁଜ ନାୟକ, ଆନନ୍ଦପୁର କ୍ରୀଡ଼ା ସଂସଦ ସଂପାଦକ ନବରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ନିକୁଞ୍ଜ ବିହାରୀ ମିଶ୍ର, ଶ୍ରୀଧର ଦଳେଇ, ରବିନ୍ଦ୍ର କୁମାର ସା, ସାମ୍ବାଦିକ ରବିନ୍ଦ୍ର ରାଜ, ଶତ୍ରୁଘ୍ନ ସାହୁ, ଲୋକନାଥ ସି ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଜା ନାୟକ, ନରେନ୍ଦ୍ର ରାଜ, ଅଶୋକ ସାହୁ, ଶାନ୍ତନୁ ଦାସ, ପ୍ରଶାନ୍ତ କୁମାର ପାଲ୍, ତ୍ରିଲୋଚନ ପରିଡା, ଦିଲ୍ଲିପ କୁମାର ସିଂ, ପ୍ରସନ୍ନ ପରିଡା, ଶରତ କୁମାର ଜେନା, ସନାତନ ବେହେରା ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

### ମରଣକୁ ଆମନ୍ତ୍ରଣ କରୁଛି ବାରିଗାଁ ଡାଇଭରସର୍ନ

# କ୍ଷଣକ ମଧ୍ୟରେ ଚାଲିଯାଇପାରେ ଜୀବନ

**ବେଲବାହାଳି,୬।୧୨(ସମିସ)**

କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଧୀନସ୍ଥ ୨୦ ନମ୍ବର ଜାତୀୟ ରାଜପଥ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ପୂର୍ବରୁ ପ୍ରଶାସନ ବନ୍ଦ କରିଥିବା ଡାଇଭରର୍ସନକୁ କୌଣସି ଅସାମାଜିକ ବ୍ୟକ୍ତି ମାନେ ଖୋଲି ବାଇକ ଯୋଗେ ରାଜପଥକୁ ରାସ୍ତା ପାର ହେଉଥିବା ଚିତ୍ର ଦେଖିବାକୁ ମିଳୁଛି। ଖପରାଖାଇ ବାଇପାସ ଠାରୁ ବେଲବାହାଳି ବାଇପାସ ପର୍ଯ୍ୟନ୍ତ ରାସ୍ତା ଅଧାଗଢା ହୋଇ ପଡି ରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଦେଖିବାକୁ ମିଳୁଛି। ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଜାତୀୟ ରାଜପଥର କାମ ବିଭିନ୍ନ ସ୍ଥାନରେ ଅଧା ଗଢା ଭାବେ ଏ ପର୍ଯ୍ୟନ୍ତ ପଡି ରହିଛି। ସୂଚନା ଅନୁଯାୟୀ ପୂର୍ବରୁ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭରର୍ସନ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ କେନ୍ଦୁଝର ଏସ୍‌ପି ପରିବହନ ବିଭାଗର ଅଧିକାରୀ ଏବଂ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ପହଞ୍ଚି ବ୍ଲାକ୍‌ସ୍ପଟ ଅଞ୍ଚଳ ଘୋଷଣା କରିବା ସହିତ ଡାଇଭରର୍ସନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିଲେ। କିନ୍ତୁ ପରିତାପର ବିଷୟ ଏହି ଡାଇଭରର୍ସନ ପୂର୍ବରୁ ପ୍ରଶାସନ ବନ୍ଦ କରିଥିବା ବେଳେ ପୁନର୍ବାର ଏହି ଡାଇଭରର୍ସନକୁ ଖୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନେ ଯିବା ଆସିବା କରୁଛନ୍ତି। ଦୁଃଖର ବିଷୟ ଏନ ଏଚ ଏ ଆଇର କର୍ମଚାରୀଙ୍କ ସମେତ ଅଧିକାରୀ



ମାନେ ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ଯିବା ଆସିବା କରୁଥିବା ବେଳେ ଉକ୍ତ ସ୍ଥାନଟିକୁ ଅଣଦେଖା କରି ଚାଲି ଯାଉଛନ୍ତି। ଯାହାଦ୍ୱାରା ଅନେକ ସମୟରେ ଗାଡିଗୁଡିକ ଦ୍ରୁତଗତିରେ ଯିବା ସହ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଅନେକ ଧନ ଜୀବନ ହାନି ହେଉଛି। କେଉଁ ମୁହୂର୍ତ୍ତରେ ଦୁର୍ଘଟଣା ଘଟିଯାଇ ଅଘଟଣ ଘଟିବ ତାହା ହିଁ ସମୟ କହିବ। ତେଣୁ ଉକ୍ତ ଡ଼ାଇଭରର୍ସନ କୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଅଧା ଗଢ଼ା ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବାକୁ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥର ଅଧିକାରୀଙ୍କୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ଆନନ୍ଦପୁରରେ ମହାପରିନିର୍ବାଣ ଦିବସ



**ଆନନ୍ଦପୁର,୬।୧୨(ସମିସ):** ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୬୮ତମ ମହାପରିନିର୍ବାଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସେବାସଂଘ କାର୍ଯ୍ୟାଳୟ ବାଇଲୋଠାରେ ଏକ ଜନସଭା ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ସେବାସଂଘର ସଭାପତି ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ, ସମ୍ମାନିତ ଅତିଥି ଭାବେ ଇଂ. ଅରୁଣ କୁମାର ସେଠୀ, ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗର ଡେପୁଟି ରେଞ୍ଜର ନବକିଶୋର ନାଇକ, ଆନନ୍ଦପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ରତ୍ନାକର ଦାଶ ଯୋଗଦେଇଥିଲେ। ସାଂସ୍କୃତିକ ସମ୍ପାଦକ କଳାକାର ଜେନାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଏବଂ ସାମୂହିକ ଭାବେ ତ୍ରିଶରଣ ଗାନ କରାଯାଇଥିଲା। ସଂଘର ସାଧାରଣ ସଂପାଦକ ଚତୁର୍ଭୁଜ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ପାଦକୀୟ ପାଠ କରିଥିଲେ। ଏହି ଅବସରରେ ସେବାସଂଘର ସଭାପତି, ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଉପଦେଷ୍ଟା ହରିହର ଦାଶ, ସାଂଗଠନିକ ସହ-ସମ୍ପାଦକ ପ୍ରମୋଦ କୁମାର ଜେନା ସୂଚନା ପ୍ରଦାନ କରିଥିଲେ। ସେବାସଂଘ ପାଇଁ ତ୍ୟାଗ ଏବଂ ଅବଦାନ ନିମନ୍ତେ ମରଣୋତ୍ତର ଭାବେ ଦିବଂଗତ ଶରତ ଚନ୍ଦ୍ର ଜେନା, ଦିବଂଗତ ପ୍ରାଧ୍ୟାପକ ସନାତନ ଜେନା ଏବଂ ପ୍ରାଣନାଥ ଜେନାଙ୍କୁ ସେବାସଂଘ ସମ୍ମାନ - ୨୦୨୪ ପ୍ରଦାନ କରାଯାଇଥିଲା। ସେବାସଂଘର ସାଧାରଣ ସହସମ୍ପାଦକ ସୁରେଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟ୍ ମାମଲାରେ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ୍

**କେନ୍ଦୁଝର,୬।୧୨(ସମିସ):** କେନ୍ଦୁଝର ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତର ମାନ୍ୟବର ବିଚାରପତି ସୁମିତ୍ରା କୁମାରୀ ଦାଶ ଆଜି ଏକ ଲୁଟପାଟ ମାମଲାର ବିଚାର କରି ଅଭିଯୁକ୍ତ ଆଡେଲ ଏସୁ ଓ ଆଭଲ ମାଲିଙ୍ଗା ନାମକ ଦୁଇଜଣ ଆସାମୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଲେଖାଁଏ ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ଜାନୁଆରୀ ୨୧ ତାରିଖ ଦିନ ୨.୩୦ ମିନିଟ ସମୟରେ ଚିକିଣିଆ ଗ୍ରାମର ବନମାଳୀ ନାଏକ ତାଙ୍କ ଶାଶୁ ଓ ସ୍ତ୍ରୀଙ୍କ ସହିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ପିପିଳିଆ ଶାଖାରୁ ଶାଶୁଙ୍କ ଆକାଉଣ୍ଟରୁ ୫୧ ହଜାର ୫ ଶହ ଟଙ୍କା ଉଠାଇ ଏକ ମୋଟର ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ଚିକିଣିଆ ଗ୍ରାମ ପାଖରେ ଆସାମୀ ଦୁଇ ଜଣ ଏକ ଆପାଚି ମୋଟର ସାଇକଲରେ ଆସି ତାଙ୍କ ଶାଶୁ ପାଖରୁ ଟଙ୍କା ଭର୍ତ୍ତି ବ୍ୟାଗ୍‌ଟି ଛଡାଇ ନେଇ ପଳାଇଥିଲେ। ଉପରୋକ୍ତ ଘଟଣାକୁ ନେଇ ବନମାଳୀ ନାଏକ ଘଟଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଘଟଗାଁ ପୋଲିସ ଥାନା କେଶ ନଂ ୭୮/୨୪ ଦଫା ୩୯୨/୩୪ ଭାରତୀୟ ପିଙ୍ଗଳକୋଡ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଥିଲା। ବିଚାରପତି ସୁମିତ୍ରା କୁମାରୀ ଦାଶ ୯ ଜଣ ସାକ୍ଷୀଙ୍କ ଜମାନବନ୍ଦୀକୁ ଭିତ୍ତି କରି ଅଭିଯୁକ୍ତ ଦ୍ୱୟଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଲେଖାଁଏ ଜୋରିମାନା ଓ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ହିମାଂଶୁ ଶେଖର ମହାନ୍ତି ଓ ସତ୍ୟବ୍ରତ ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ।

## ଘସିପୁରା ସହକାରୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୬।୧୨(ସମିସ):** ଘସିପୁରା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ସହ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଥିବା ହାଡିବନ୍ଧୁ ସାହୁଙ୍କୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଘସିପୁରାର କର୍ମକର୍ତ୍ତାମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି। ସଂଘର ଉପଦେଷ୍ଟା ନିରଞ୍ଜନ ପଣ୍ଡା, ପଦ୍ମାବତୀ ଭଞ୍ଜ, ସଭାପତି ଗୋବର୍ଦ୍ଧନ ଜେନା, ସମ୍ପାଦକ ମନ୍ମଥ କୁମାର ଘଡ଼େଇ, ଉପସଭାପତି ରଞ୍ଜନାରଶ୍ମି ଘଡେଇ, ଶଙ୍କର୍ଷଣ ପାଢୀ. ଯୁଗ୍ମସଂପାଦକ ଅଶୋକ କୁମାର ବରାଳ, ବଳଭଦ୍ର ଜେନା, ଚିତ୍ତରଞ୍ଜନ ନାୟକ, ସଂଯୋଜକ ରମେଶ ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ଦେବାଶିଷ ଜେନା, ଶିକ୍ଷକ ବିପଦବନ୍ଧୁ ନାୟକ, ଦୀପ୍ତିରଞ୍ଜନ ଜେନା ଆଦି ଉପସ୍ଥିତ ହୋଇ ନୂତନ ସହଶିକ୍ଷାଧିକାରୀ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅନ୍ୟ ଦୁଇଜଣ ସହଶିକ୍ଷାଧିକାରୀ ଏବଂ ଶିକ୍ଷାଧିକାରୀଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆନନ୍ଦପୁର ହୀରକ ଜୟନ୍ତୀର ବନ୍ଧୁମିଳନ

**ଆନନ୍ଦପୁର,୬।୧୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟ ହୀରକ ଜୟନ୍ତୀ ଉପଲକ୍ଷେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖରେ ଆୟୋଜନ କରାଯାଇଛି। ମହାବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୦୨୫ ଜାନୁଆରୀ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ। ୩ ଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବର ସୁପରିଚାଳନା ନେଇ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପୂର୍ବତନ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ମାନଙ୍କୁ ନେଇ ଉକ୍ତ ଦିନ ପୂର୍ବାହ୍ନ ୧୦ ଘଟିକା ସମୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ଜୟନ୍ତୀ କମିଟିର ସଭାପତି ମହେଶ୍ୱର ସାହୁଙ୍କଠାରୁ ସୂଚନା ମିଳିଛି।

### ଗୋନାସିକା-କେନ୍ଦୁଝର ମହୋତ୍ସବ

## ୮ରେ ଉପସ୍ଥାପକ ଉପସ୍ଥାପିକା ଚୟନ

**କେନ୍ଦୁଝର,୬।୧୨(ସମିସ):** ଚଳିତ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମାସ୍ଥ କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଥିବା ଗୋନାସିକା-କେନ୍ଦୁଝର ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନା ପାଇଁ ଜିଲ୍ଲାର ଉପଯୁକ୍ତ ଉପସ୍ଥାପକ/ ଉପସ୍ଥାପିକାମାନଙ୍କୁ ସୁଯୋଗ ଦେବା ପାଇଁ ନିଷ୍ପତି ନିଆଯାଇଛି। ସାଂସ୍କୃତିକ କମିଟିର ନିଷ୍ପତିକ୍ରମେ ଆସନ୍ତ ୮ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲାଠାରେ ଉପଯୁକ୍ତ ଉପସ୍ଥାପକ/ଉପସ୍ଥାପିକା ଚୟନ କରାଯିବ। ଏଣୁ ଆଗ୍ରହୀ ଉପସ୍ଥାପକ/ ଉପସ୍ଥାପିକାମାନେ ରବିବାର ଦରବାର ହଲାଠାରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ମହୋତ୍ସବର ସାଂସ୍କୃତିକ କମିଟି ତରଫରୁ ନିବେଦନ କରାଯାଇଛି।

## ଜଳସୁଆଁରେ ଲକ୍ଷ୍ମୀନାରାୟଣ ପୂଜା



ଆନନ୍ଦପୁର,୬।୧୨(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର କୁରାଳ ସାହିରେ ଲକ୍ଷ୍ମୀ ନାରାୟଣ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପୂଜା ମଣ୍ଡପକୁ ରଙ୍ଗୀନ ଆଲୋକରେ ସଜାଯିବା ସହ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇ ସମଗ୍ର ଗ୍ରାମକୁ ରଙ୍ଗୀନ ଆଲୋକରେ ସଜାଯାଇଛି। ଶୁକ୍ରବାର ଅପରାହ୍ନ ୪ଟାରେ ସ୍ଥାନୀୟ କୁସେଇ ନଦୀରୁ ବ୍ରତ ଧାରି ମାନେ କଳସ ବୁଡ଼ାଇ ବିରାଟ ଶୋଭାଯାତ୍ରାରେ ନାମ ସଙ୍କୀର୍ତ୍ତନରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ପୂଜା କାର୍ଯ୍ୟ ରୀତି ନୀତି ଅନୁଯାୟୀ ପୂଜକ କାଳନ୍ଦୀ ଚରଣ ଦାସ ଓ ଶ୍ୟାମସୁନ୍ଦର ଶତପଥୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। କମିଟି ସଭାପତି ବାପୁନ୍ କୁମାର ରଣା ଓ ତାଙ୍କ ଧର୍ମପତ୍ନୀ ଅନୁପମା ସା ସଂକଳ୍ପ କାର୍ଯ୍ୟ ତୁଲାଇଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ପାଞ୍ଚ ଦୀନ ଧରି ପୂଜା ହେବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ଗ୍ରାମ ଓ ଗ୍ରାମ ବାହାରୁ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ଓ ନାମ ସଂକୀର୍ତ୍ତନ କରାଯିବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। କମିଟିର ସଦସ୍ୟ ବାବୁଲି ସା, ଦିଲ୍ଲୀପ ରଣା, ତପନ ସା, ପ୍ରକାଶ ସା, ଅମୂଲ୍ୟ ସା, ସତ୍ୟବ୍ରତ ରଣା, ଭାଗିରଥି ସା, ପୂର୍ଣ୍ଣଚନ୍ଦ୍ର ରଣା, କବିନ୍ଦ୍ର ଦାସ, ଆଲୋକ ରଣା, ତାପସ ରଣା, ମାନସ ରଣା, ଲିକୁନ ରଣା, ଆଦିତ୍ୟ ରଣା, ଗଣେଶ୍ୱର ସା, ସୁଶିଲ କୁମାର ରଣା, ସ୍ମୃତିରଞ୍ଜନ ରଣା, ସିପୁନ କୁମାର ସା, ଶୁଭଙ୍କର ସା, ସତ୍ୟବ୍ରତ ସା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୋନାସିକା ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**କେନ୍ଦୁଝର,୬।୧୨(ସମିସ)**

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେଇଥିବା ନୂତନ ଅଧ୍ୟାପିକା ଓ ଛାତ୍ରୀମାନଙ୍କୁ ନେଇ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ତୀର୍ଥାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବାଳିକାଙ୍କର ଉଚ୍ଚ ଶିକ୍ଷା ପାଇଁ ଏହା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ନାରୀ ଶିକ୍ଷାର ବିକାଶ ପାଇଁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରକାରନ୍ତରେ କେନ୍ଦୁଝର ଜିଲ୍ଲା ଶିକ୍ଷାର ବିକାଶ ପାଇଁ ଅନେକ ସହାୟକ ହୋଇପାରିବ। ଯୁକ୍ତ ଦୁଇ



କଳା ଓ ବିଜ୍ଞାନ ପ୍ରବେଶ ଉତ୍ସବରେ କଳାରେ ୬୦ ଜଣ ଓ ବିଜ୍ଞାନରେ ୫୯ ଏହି ରୂପେ ୧୧୯ ଛାତ୍ରୀଙ୍କ ନାମ ଲେଖା କରାଯାଇଥିଲା। ସଭାର ଅଧ୍ୟକ୍ଷ ଶ୍ରୀଯୁକ୍ତ ସେଠୀ ଗୋନାସିକା ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ଯେଉଁ ପ୍ରଚେଷ୍ଟା ଜାରି ରଖିଥିଲେ ତାହା ଆଜି ସଫଳ ହୋଇଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାରେ ଶିକ୍ଷକ ଶ୍ରୀକାନ୍ତ ଜୁଆଙ୍ଗଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଶ୍ରୀଯୁକ୍ତ ସେଠୀ ନିଜସ୍ୱ ଅଭିଭାଷଣରେ କହିଥିଲେ। ଅଧ୍ୟୟନରତ ଛାତ୍ରୀ ମାନଙ୍କ ସହ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ପରିଚୟର ଆଦାନ ପ୍ରଦାନ ହୋଇଥିଲା ଏବଂ ଭବିଷ୍ୟତରେ ଉକ୍ତ ଅଞ୍ଚଳରେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯଥେଷ୍ଟ ସୁନାମ କରିବ ବୋଲି ଅଧ୍ୟକ୍ଷ ଶ୍ରୀଯୁକ୍ତ ସେଠୀ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ହୃଷୀକେଶ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅଧ୍ୟାପକ ଅଶୋକ କୁମାର ଖୁଣ୍ଟିଆ, ସୌମ୍ୟକାନ୍ତ ସାହୁ, ଅବିନାଶ ଜେନା, ଜିତେନ୍ଦ୍ର କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିବାବେଳେ ଅଧ୍ୟାପିକା ସୋନାଲି ରାଉତ, ବନ୍ଦନା ନାୟକ, ଶୁଭଶ୍ରୀ ଦ୍ୱିବେଦୀ, ପୁଷ୍ପମଞ୍ଜରୀ ପାତ୍ର, ଶୁଭସ୍ମିତା ସେଠୀ, ସୁଶ୍ରୀ ରୁଦ୍ରିରାଣୀ ସାହୁ, ମେଟ୍ରନ ବିଦ୍ୟୁଲତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରବେଶ ଉତ୍ସବଟି ମହାସମାରୋହରେ ପାଳିତ ହୋଇଥିଲା।

## କୁରାଳ ପଞ୍ଚମୀ ପାଇଁ ଚଳଚଞ୍ଚଳ ଟୋଲଙ୍କପଡ଼ା



**ବେଲବାହାଳି,୬।୧୨(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମର କୁମ୍ଭାରସାହିର ବହୁ ପୁରାତନ ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ମହାଆଡ଼ମ୍ବରରେ ଲକ୍ଷ୍ମୀ ନାରାୟଣ ପୂଜା ପାଳିତ ହୋଇଯାଇଛି। ଅପରାହ୍ନରେ କମିଟିର ଭକ୍ତ ମାନେ କୁସେଇ ନଦୀରୁ କଳସ ବୁଡାଇ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁଯାୟୀ ପୂଜକ ମିଥୁନ କୁମାର କର ଓ କାହ୍ନୁଚରଣ ମିଶ୍ର ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଭାଗବତ ସା ଓ ଧର୍ମ ପତ୍ନୀ ପାର୍ବତୀ ସା ସଂକଳ୍ପ କାର୍ଯ୍ୟ ତୁଲାଇ ଥିଲେ। ପୂଜା ମଣ୍ଡପକୁ ବେଶେ ଆକର୍ଷଣ ପାଇଁ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇ ପୁରା ଗ୍ରାମକୁ ରଙ୍ଗୀନ ଆଲୋକରେ ସଜାଯାଇଛି। କମିଟିର ସଦସ୍ୟ ବାବୁଲି ସା, ମାନସ ସା, ସନ୍ତୋଷ ବେହେରା, ଅଶୋକ ସା, ତାପସ ସା,ଦୀପକ ସା, ଆଲୋକ ସା, ପପୁ ବେହେରା, ଦୀପା ବେହେରା, ତପନ ସା, ସୁଶାନ୍ତ, ଶ୍ରୀକାନ୍ତ, ଦୀନବନ୍ଧୁ, ରଞ୍ଜନ ସା, ଅନୀଲ, ମୋହନ, ମନୋଜ, ମଙ୍ଗୁଲି, ପ୍ରଦୀପ, ପହଲା, ସର୍ବେଶ୍ୱର, ରଞ୍ଜନ, ଛବି, ସୁବ୍ରତ, ଆକାଶ, କାର୍ତ୍ତିକ, ରାଜୁ, ଆନନ୍ଦ ସା, ଗୌରାଙ୍ଗ ମହାରଣା, ମାନସ ସାହୁ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

